# ସଂଗୀତ ଜଗତରେ ଶୂନ୍ୟସ୍ଥାନ ସୃଷ୍ଟି କରିଛନ୍ତି ଆଶା



**ମୁମ୍ବାଇ(ଏଜେନ୍ସି) :** ସଂଗୀତ ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛିବଲିଉଡରେ ସ୍ୱରର ରାଣୀଙ୍କ ଶେଷ ଯାତ୍ରା । ଏପ୍ରିଲ ୧୨ତାରିଖ ଦିନ ମୁମ୍ବାଇର ବ୍ରିଚ କ୍ୟାଣ୍ଡି ହସପିଟାଲରେ ୯୨ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ଆଶା ତାଇ । ସଂଗୀତ ଦୁନିଆରେ ଆଶା ତାଇ ଭାବେ ସେ ବେଶ ପରିଚିତ ଥିଲେ । ଗତ କିଛି ଦିନ ହେବ ସେ ହୃତପିଣ୍ଡରେ ସଂକ୍ରମଣ ଏବଂ ଅତ୍ୟଧିକ କ୍ଲାନ୍ତି ଯୋଗୁଁ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ତାଙ୍କ ପରଲୋକରେ ସୋସିଆଲ ମିଡିଆରେ ଆଶା ଭୋସଲେଙ୍କ ପ୍ରତି ଶ୍ରଦ୍ଧାଞ୍ଜଳିର ସୁଅ ଛୁଟିବାରେ ଲାଗିଛି । ଆଜି ତାଙ୍କର ଅନ୍ତିମ ସଂସ୍କାର ଶିବାଜୀ ପାର୍କରେ କରାଯାଇଛି । ଜନସାଧାରଣ ସକାଳ ୧୦:୩୦ ରୁ ଅପରାହ୍ନ ୨:୦୦ ଟା ପର୍ଯ୍ୟନ୍ତ କସା ଗ୍ରାଣ୍ଡେ ବିଲ୍ଡିଂରେରେ ମରଶରୀରକୁ ଦର୍ଶନ କରିଥିଲେ । ତାଙ୍କର ଅନ୍ତିମ ସଂସ୍କାର ଶିବାଜୀ ପାର୍କରେ କରାଯାଇଛି । ଆଶା ଭୋସଲେଙ୍କ ଶେଷ ଦର୍ଶନ ପାଇଁ ସେଲିବ୍ରିଟିମାନେ ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରୁଛନ୍ତି । ଆଶା ଭୋସଲେଙ୍କ ପରିବାର ଦୁଃଖରେ ଭାଙ୍ଗିପଡିଛି । ଗାୟିକାଙ୍କ ନାତୁଣୀ ଜେନାଇ ଭାବପ୍ରବଣ ହୋଇ ପଡ଼ିଛନ୍ତି । ନାତୁଣୀ ଅଭିନେତ୍ରୀ ତବୁକୁ ଧରି କାନ୍ଦିବାର ଦେଖିବାକୁ ମିଳିଥିଲେ । ତେବେ କେବଳ ପରିବାର ଲୋକ ନୁହଁନ୍ତି ବରଂ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ବି ଏତେ ଭାଙ୍ଗି ପଡିଛନ୍ତି ଯେ, ତାଙ୍କ ଆଖିରେ ଦେଖିବାକୁ ମିଳିଥିଲା ଲୁହ । ସଚିନ ତେନ୍ଦୁଲକର ଆଶା ଭୋସଲେଙ୍କୁ ଶେଷ ଦର୍ଶନ କରିଛନ୍ତି । କେବଳ ତବୁ, ସଚିନ ତେନ୍ଦୁଲକର ନୁହେ ଏ ରିତେଶ ଦେଶମୁଖ, ରଣବୀର ସିଂ, ଜ୍ୟାକି ଶ୍ରଫ, ହେଲେନ, ଏକନାଥ ସିନ୍ଦେ ତଥା ଅନେକ ବ୍ୟକ୍ତି ବିଶିଷ୍ଟ ପ୍ରମୁଖ ବ୍ୟକ୍ତି ଯୋଗ ଦେଇଛନ୍ତି । ୧୯୩୩ ସେପ୍ଟେମ୍ବର ୮ରେ ମହାରାଷ୍ଟ୍ରର ସାଙ୍ଗଲିରେ ଜନ୍ମଗ୍ରହଣ କରିଥିଲେ ଆଶା ଭୋସଲେ । ସେ ପ୍ରସିଦ୍ଧ ଥିଏଟର କଳାକାରଶାସ୍ତ୍ରୀୟ ସଙ୍ଗୀତ ଗାୟକ ଦୀନାନାଥ ମଙ୍ଗେସକରଙ୍କ ଝିଅ ଏବଂ ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ସାନ ଭଉଣୀ । ଦୀର୍ଘ ୭ ଦଶନ୍ଧିର କ୍ୟାରିୟର ମଧ୍ୟରେ ୧୪ରୁ ଅଧିକ ଭାରତୀୟ ଭାଷାରେ ସେ ୧୨ ହଜାରରୁ ଅଧିକ ଗୀତ ଗାଇଛନ୍ତି । ସଙ୍ଗୀତ କ୍ଷେତ୍ରକୁ ଅବଦାନ ଲାଗି ଏହି କିମ୍ବଦନ୍ତୀ ଗାୟିକାଙ୍କୁ ଅନେକ ପୁରସ୍କାର ଏବଂ ସମ୍ମାନ ମିଳିଛି । ୧୯୯୭ ମସିହାରେ ଗ୍ରାମୀ ପୁରସ୍କାର ଲାଗି ନୋମିନେଟ୍ ହେବାରେ ସେ ପ୍ରଥମ ଭାରତୀୟ ଗାୟିକା । ୨୦୦୦ ମସିହାରେ ସିନେମା ଜଗତର ସର୍ବୋଚ୍ଚ ସମ୍ମାନ ‘ଦାଦାସାହେବ ଫାଲକେ’ ଏବଂ ୨୦୦୮ ରେ ପ୍ରତିଷ୍ଠିତ ‘ପଦ୍ମ ବିଭୂଷଣ’ରେ ତାଙ୍କୁ ସମ୍ମାନିତ କରାଯାଇଥିଲା ।

# ପ୍ରେକ୍ଷାଳୟରେ ଧୁମ୍ ମଚାଇବ ଆଖିର ସୱାଲ




**ମୁମ୍ବାଇ(ଏଜେନ୍ସି) :** ସଞ୍ଜୟ ଦତ୍ତଙ୍କ ଅଭିନୀତ ବଲିଉଡ୍ ଫିଲ୍ମ ‘ଆଖିରୀ ସୱାଲ’ର ପ୍ରଥମ ଟିଜର ଏପ୍ରିଲ ୨ ତାରିଖରେ ମୁକ୍ତିଲାଭ କରିଥିଲା । ଏହା ବହୁତ ଉତ୍ସାହ ସୃଷ୍ଟି କରିଥିଲା । ଆଜି ଦ୍ୱିତୀୟ ଟିଜର ମୁକ୍ତିଲାଭ କରିଛି । ଏଥିରେ କିଛି କମ୍ ଚର୍ଚ୍ଚିତ ଐତିହାସିକ ଘଟଣାବଳୀକୁ ଅନୁସନ୍ଧାନ କରାଯାଇଛି । ନିର୍ମାତା ଦାବି କରିଛନ୍ତି ଯେ, ଏହି ଫିଲ୍ମଟି ଏପରି ପ୍ରଶ୍ନ ମଧ୍ୟ ଉଠାଇବ ଯାହାର ଉତ୍ତର ଆଜିଯାଏ ବି ମିଳି ନାହିଁ । ଫିଲ୍ମର ଟିଜର ଆରମ୍ଭରେ ଲେଖାହେଉଛି, ‘ଯେଉଁ ପ୍ରଶ୍ନ କେହି କେବେ ପଚାରିବାକୁ ସାହସ କରିନାହାଁନ୍ତି ।’ ଏହା ପରେ ଲେଖାହେଉଛି, ‘୧୯୩୪ ମସିହାରେ ମହାତ୍ମା ଗାନ୍ଧୀ ଏବଂ ଆରଏସଏସ ପ୍ରତିଷ୍ଠାତା ଡକ୍ଟର କେଶବ ବଳିରାମ ହେଡଗେୱାରଙ୍କ ମଧ୍ୟରେ ହୋଇଥିବା ସାକ୍ଷାତରେ କ’ଣ ଘଟିଥିଲା ?’ ପରବର୍ତ୍ତୀ ଦୃଶ୍ୟରେ, ମହାତ୍ମା ଗାନ୍ଧୀ କହୁଛନ୍ତି, ‘ଏହି ଜାତିବାଦ ଗୋଟିଏ ଦିନ ଭାରତକୁ ବିଭାଜିତ କରିବ ।’ ଟିଜରରେ ଡକ୍ଟର କେଶବ ବଳିରାମ ହେଡଗେୱାର କହୁଛନ୍ତି, ‘ଯଦି ଦଳିତ ଏବଂ ବ୍ରାହ୍ମଣ ସଂଘ ଭିତରେ ଏକାଠି ରହିପାରିବେ, ଖାଇପାରିବେ ଏବଂ କାମ କରିପାରିବେ... ତେବେ ସେମାନେ ସାରା ଭାରତରେ କାହିଁକି ଏହା କରିପାରିବେ ନାହିଁ ?’ ଏଥିରେ ଆହୁରି ଲେଖାଯାଇଛି, ‘୮ ମେ’ରେ ସିନେମା ହଲରେ ସତ୍ୟ ଜାଣନ୍ତୁ ।’ ଏହି ଫିଲ୍ମଟି ଜାତୀୟ ପୁରସ୍କାର ବିଜେତା ନିର୍ଦ୍ଦେଶକ ଅଭିଜିତ ମୋହନ ୱାରଙ୍ଗଙ୍କ ଦ୍ୱାରା ନିର୍ଦ୍ଦେଶିତ । ନିଖିଲ ଆନନ୍ଦ ଏବଂ ସଞ୍ଜୟ ଦତ୍ତ ଏହାକୁ ପ୍ରଯୋଜନା କରିଛନ୍ତି । ଏହି ଫିଲ୍ମରେ ନମାଶୀ ଚକ୍ରବର୍ତ୍ତୀ ଭିକି ନାମକ ଜଣେ ଯୁବ ବିଦ୍ୱାନ ଭୂମିକାରେ ଅଭିନୟ କରିଛନ୍ତି । ତାଙ୍କ ପରାମର୍ଶଦାତା ପ୍ରଫେସର ଗୋପାଳ ନାଦକର୍ଣ୍ଣିଙ୍କ ଭୂମିକାରେ ସଞ୍ଜୟ ଦତ୍ତ ଅଭିନୟ କରିଛନ୍ତି । ଭିକିଙ୍କ ତାଙ୍କ ପରାମର୍ଶଦାତାଙ୍କ ସହ ଶିକ୍ଷାଗତ ବିବାଦ ଟେଲିଭିଜନରେ ଏକ ମୁକାବିଲାରେ ପରିଣତ ହୁଏ । ଏହି କାହାଣୀଟି ଐତିହାସିକ ଘଟଣାଗୁଡ଼ିକୁ ଉଲ୍ଲେଖ କରିବା ସହିତ ପିଢ଼ିଗତ ପାର୍ଥକ୍ୟ ଏବଂ ସତ୍ୟର ସନ୍ଧାନ ଭଳି ପ୍ରସଙ୍ଗଗୁଡ଼ିକୁ ନେଇ ଆଧାରିତ । କାହାଣୀର କେନ୍ଦ୍ରରେ ଏକ ଗୁରୁ-ଶିଷ୍ୟ ବିବାଦ ଅଛି ଯାହା ଏକ ବଡ଼ ବିତର୍କରେ ପରିଣତ ହେଉଛି । ଏହି ଫିଲ୍ମଟି ଆରଏସଏସ ଉପରେ ବ୍ୟାନ୍ ଏବଂ ବାବରୀ ଧ୍ୱଂସ ସମେତ ଅନେକ ଐତିହାସିକ ଘଟଣାଗୁଡ଼ିକୁ ମଧ୍ୟ ଉଲ୍ଲେଖ କରୁଛି । ଏଥିରେ ସମୀରା ରେଡ୍ଡୀ, ଅମିତ ସାଧ, ନୀତୁ ଚନ୍ଦ୍ରା ଏବଂ ତ୍ରିଧା ଚୌଧୁରୀ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି ।

# ୧୯ତମ ବିବାହ ବାର୍ଷିକୀ ପାଳନ କଲେ ଅଭିଷେକ-ଐଶ୍ୱର୍ଯ୍ୟା



**ମୁମ୍ବାଇ(ଏଜେନ୍ସି) :** ଲୋକପ୍ରିୟ ବଲିଉଡ ନାୟିକା ଐଶ୍ୱର୍ଯ୍ୟା ରାୟ ବଚ୍ଚନ ତାଙ୍କର ୧୯ତମ ବିବାହ ବାର୍ଷିକୀ ପାଳନ କରୁଛନ୍ତି । ସେ ତାଙ୍କ ସ୍ୱାମୀ ଅଭିଷେକ ବଚ୍ଚନଙ୍କ ସହ ଏକ ନୂତନ ଫଟୋ ସେୟାର କରିଛନ୍ତି । ପୋଷ୍ଟରେ ସେମାନଙ୍କ ଝିଅ ଆରାଧ୍ୟା ବଚ୍ଚନଙ୍କୁ ମଧ୍ୟ ଦେଖିବାକୁ ମିଳିଛି । ଅଭିଷେକ ଏବଂ ଐଶ୍ୱର୍ଯ୍ୟା ଏପ୍ରିଲ ୨୦, ୨୦୦୭ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ଏବଂ ୨୦୧୧ରେ ଆରାଧ୍ୟାଙ୍କ ଜନ୍ମ ହୋଇଥିଲା । ଫଟୋଗୁଡ଼ିକରେ, ଅଭିଷେକ ଏବଂ ଆରାଧ୍ୟାଙ୍କ ସହିତ ସେଲଫି ନେବା ସମୟରେ ଐଶ୍ୱର୍ଯ୍ୟା ଏକ ଫୁଲତୋଡ଼ା ଧରିଥିବାର ଦେଖାଯାଇଥିଲା । ତିନିଜଣ ଏକାଠି ଖୁସି ଏବଂ ସୁନ୍ଦର ଦେଖାଯାଉଥିଲେ । ଫଟୋଗୁଡ଼ିକ ସହିତ, ଐଶ୍ୱର୍ଯ୍ୟା କ୍ୟାପସନରେ ଏକ ସରଳ ଲାଲ ହୃଦୟ ଇମୋଜି ପୋଷ୍ଟ କରିଛନ୍ତି । ଐଶ୍ୱର୍ଯ୍ୟା ଓ ଅଭିଷେକ ୨୦୦୦ ଦଶକର ପ୍ରାରମ୍ଭରେ ଦେଖା ହୋଇଥିଲେ । ଦୁହେଁ ଢାଇ ଅକ୍ଷର ପ୍ରେମକେ, ଧୂମ୍ ୨, ରାବଣ୍ ଏବଂ ଗୁରୁ ଭଳି ଚଳଚ୍ଚିତ୍ରରେ ଏକାଠି କାମ କରିଥିଲେ । ସେମାନେ ଏପ୍ରିଲ୍ ୨୦୦୭ରେ ବିବାହ କରିଥିଲେ ଏବଂ ଦୁହେଁ ବ୍ୟକ୍ତିଗତ ଜୀବନକୁ ସାର୍ବଜନୀନ କରିନାହାନ୍ତି । ଲିଲି ସିଂହଙ୍କ ସହିତ ଏକ ପଡକାଷ୍ଟରେ, ଅଭିଷେକ ଐଶ୍ୱର୍ଯ୍ୟାଙ୍କ ସହିତ ତାଙ୍କର ସମ୍ପର୍କ ବିଷୟରେ ଖୋଲିଥିଲେ । ସେ ଏକାଠି ସେମାନଙ୍କର ପ୍ରଥମ ଚଳଚ୍ଚିତ୍ର ବିଷୟରେ ପ୍ରତିଫଳିତ କରି କହିଥିଲେ, ‘ଯେତେବେଳେ ମୋ ବାପାମା ବିବାହ କରିଥିଲେ, ମୋ ମାଆ ମୋ ବାପାଙ୍କ ଅପେକ୍ଷା ବଡ଼ ଷ୍ଟାର ଥିଲେ । ମୁଁ ମୋ କ୍ୟାରିଅର ଆରମ୍ଭରୁ ଐଶ୍ୱର୍ଯ୍ୟାଙ୍କୁ ଜାଣିଛି । ମୁଁ ଯେଉଁ ଦ୍ୱିତୀୟ ଚଳଚ୍ଚିତ୍ର କରିଥିଲି ତାହା ତାଙ୍କ ସହିତ ଥିଲା, ଏବଂ ସେ ହେଉଛନ୍ତି ସେହି ଅଭିନେତ୍ରୀ ଯାହାଙ୍କ ସହିତ ମୁଁ ସର୍ବାଧିକ କାମ କରିଛି । ସେତେବେଳେ, ଆମେ କୌଣସି ସମ୍ପର୍କରେ ନଥିଲୁ - ଆମେ କେବଳ ବନ୍ଧୁ ଏବଂ ବନ୍ଧୁ ଥିଲୁ ।’

## ଜଲିଉଡ଼ର ହାଲଚାଲ

# ପୁଣି ବିବାଦରେ ଅନନ୍ତ ନାରାୟଣ ଧଳ



**ଭୁବନେଶ୍ୱର(ଏନ୍.ଏମ୍.) :** ପୁଣି ବିବାଦରେ ଫସିଛନ୍ତି ନାଣ୍ଟ ବାବୁ ଓରଫ ଅନନ୍ତ ନାରାୟଣ ଧଳ । ଅଶୋକ ସମ୍ରାଟ ଏବଂ ତୁଳସୀ ଗଣନାଟ୍ୟର ମାଲିକ ନାଣ୍ଟୁ ବାବୁ ପୁଣି ଥରେ ବିବାଦ ମଧ୍ୟ ଫସିଯାଇଛନ୍ତି । ନାଣ୍ଟୁ ଯାତ୍ରା କରିବାକୁ କହି ଅଗ୍ରୀମ ନେଇଥିଲେ, ଯାତ୍ରା ତ ଦୂରର କଥା । ଯଦି କମିଟି ସଦସ୍ୟ ଅଗ୍ରୀମ ଟଙ୍କା ମାଗୁଛନ୍ତି ତେବେ ନାଣ୍ଟୁ ବାବୁ କୁଆଡେ ଅସଭ୍ୟ ଭାଷାରେ କହିବା ସହ ଗାଳି ମଧ୍ୟ କରୁଛନ୍ତି ବୋଲି ଅଭିଯୋଗ ହୋଇଛି । ବିବାଦରେ ପୁଣି ନାଣ୍ଟୁ ବାବୁ । ଯାତ୍ରା ପାର୍ଟି ଯାତ୍ରା ପାଇଁ ଟଙ୍କା ନେଲେ କିନ୍ତୁ ଲୋକଙ୍କୁ ଠକିଦେଲେ । ଯାତ୍ରା ପାର୍ଟି ଅଶୋକ ସମ୍ରାଟର ମାଲିକ ଅନନ୍ତ ଧଳ ଓରଫ ନାଣ୍ଟୁ ବାବୁଙ୍କ ନାଁରେ ଆସିଛି ସଙ୍ଗୀନ ଅଭିଯୋଗ । ଭଦ୍ରକ ଧୂଷୁରୀ ଥାନା ଫତେପୁର ଗାଁରେ ଯାତ୍ରା ପାର୍ଟି ଅଶୋକ ସମ୍ରାଟର ଗାଡ଼ି ଅଟକାଇ ଯାତ୍ରା ପାର୍ଟି ଗାଡି ଆଗରେ ଧାରଣାରେ ବସିଥିଲେ । ଏହା ସହ ଧୂଷୁରୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ବାସନ୍ତୀୟ ଦୁର୍ଗାପୂଜା କମିଟି ତେନ୍ତୁଳିଡିହର ସଦସ୍ୟ । ବାସନ୍ତୀ ଦୁର୍ଗାପୂଜା ଅବସରରେ ଯାତ୍ରା ପରିବେଷଣ ପାଇଁ ନାଣ୍ଟୁ ବାବୁଙ୍କୁ ୯ ଲକ୍ଷ ଟଙ୍କା ଅଗ୍ରୀମ ଦିଆଯାଇଥିଲା । କିନ୍ତୁ ସେ ଟଙ୍କା ନେଇ ଯାତ୍ରା ପରିବେଷଣ କରିନଥିବାର ଅଭିଯୋଗ କରିଛନ୍ତି କମିଟି ସଦସ୍ୟ । ଏବେ ଯାଏଁ ଟଙ୍କା ମଧ୍ୟ ଫେରସ୍ତ କରିନାହାନ୍ତି । ଏନେଇ ବାରମ୍ବାର କହିବା ପରେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଲୋକେ ଯାତ୍ରା ପାର୍ଟି ଗାଡି ଅଟକାଇ ଧାରଣା ଦେଇଛନ୍ତି । କମିଟି ସଦସ୍ୟଙ୍କ ଅଭିଯୋଗ ଯେ ଯଦି ଆମେ ଫୋନ୍ କରି ଯାତ୍ରା ପାର୍ଟିକୁ ଟଙ୍କା ମାଗୁଛୁ ତେବେ ସେ ଆମକୁ ଗାଳି କରୁଛନ୍ତି । ଏହାସହ ଅସଭ୍ୟ ଭାଷାରେ କଥା କହୁଛନ୍ତି । ତେଣୁ ନ୍ୟାୟ ନମିଳିବା ଯାଏଁ ଧାରଣା ଜାରି ରଖିବୁ । ସେହିଭଳି ନାଣ୍ଟୁ ବାବୁଙ୍କ ନାମରେ ଅନେକ ସଂଗୀନ ଅଭିଯୋଗ ଆଣିଛନ୍ତି ତାଙ୍କ ଦାୟିତ୍ୱରେ ଥିବା ଯାତ୍ରାପାର୍ଟିର କଳାକାର । ରାତିରେ ଦେହସୁଖ ଦେଲିନି ବୋଲି ତୁଳସୀ ଗଣନାଟ୍ୟରୁ ବାହାର କରିଦେଲା ନାଣ୍ଟୁ । କହିଲା ପାଖରେ ଶୋଇପଡ ୮ ଲକ୍ଷରୁ ୧୪ ଲକ୍ଷ କରିଦେବି । ଅନନ୍ତ ନାରାୟଣ ଧଳ ଓରଫ ନାଣ୍ଟୁଙ୍କ ନାଁରେ ପୂର୍ବରୁ ଏଭଳି ସାଂଘାତିକ ଅଭିଯୋଗ ଆଣିଥିଲେ ତୁଳସୀ ଗଣ ନାଟ୍ୟର ପୂର୍ବତନ ଅଭିନେତ୍ରୀ ପୂଜା । ପୂର୍ବରୁ ତୁଳସୀ ଗଣନାଟ୍ୟର ଅଭିନେତ୍ରୀ ସୋନାଲିଙ୍କ ସ୍ୱାମୀ ଶ୍ରୀକ୍ଷେତ୍ର ସାମନ୍ତସିହାର ଆଣିଥିଲେ ଗୁରୁତର ଅଭିଯୋଗ, କହିଥିଲେ ତୁଳସୀ ମାଲିକ ନାଣ୍ଟୁ ଧଳ ଓରଫ ଅନନ୍ତ ନାରାୟଣ ଧଳ ସୋନାଲିଙ୍କୁ ଜୋର ଜବରଦସ୍ତ ରଖିଛନ୍ତି । ସେପଟେ ଖୋଦ୍ ନାଣ୍ଟୁଙ୍କ ଯାତ୍ରା ପାର୍ଟି ଅଶୋକ ସମ୍ରାଟରୁ ଆସିଥିଲା ଗୁରୁତର ଅଭିଯୋଗ ! ଅଭିଯୋଗ କରିଥିଲେ ଅଭିନେତ୍ରୀ ମାମୁନି ଷଡ଼ଙ୍ଗୀ । ବାଲିଆପାଳରେ ଯାତ୍ରା ଚାଲିଥିବା ବେଳେ ବକେୟା ଟଙ୍କା ମାଗିବାରୁ ନାଣ୍ଟୁ ଧଳ କମିଟି ଲୋକଙ୍କୁ ଲଗାଇ ମାମୁନି ଓ ତାଙ୍କ ସ୍ୱାମୀ ତଥା ଉପସ୍ଥାପକ ବାପୀ କୁମାରଙ୍କୁ ମାଡ଼ ମରାଇଥିବା ଭଳି ସଂଗୀନ ଅଭିଯୋଗ ଭୁବନେଶ୍ୱର ମହିଳା ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ । ତେବେ ନାଣ୍ଟୁବାବୁଙ୍କ ନାମରେ ଏଭଳି ଗୋଟିଏ ପରେ ଗୋଟିଏ ଅଭିଯୋଗର ତାଲିକା ଲମ୍ବିବା ପଛରେ ପ୍ରକୃତ ସତ୍ୟ କ’ଣ ରହିଛି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ । ଏ ନେଇ ନାଣ୍ଟୁ ବାବୁଙ୍କ ସହ ଯୋଗାଯୋଗ କରାଯାଇଥିଲେ ବି ତାଙ୍କ ଠାରୁ କୌଣସି ପ୍ରତିକ୍ରିୟା ମିଳିନାହିଁ । ତେବେ ନାଣ୍ଟୁବାବୁଙ୍କ ପଛରେ ଏଭଳି ଅଭିଯୋଗ ତାଙ୍କ ଯାତ୍ରା ବ୍ୟବସାୟ କିମ୍ବା ରାଜନୈତିକ କ୍ୟାରିୟରକୁ ପ୍ରଭାବିତ କରିବ ନାହିଁ ତ ? ଏମିତି ଅନେକ ପ୍ରଶ୍ନବାଚୀ ମଧ୍ୟରେ ଛନ୍ଦିହୋଇ ପଡ଼ିଛନ୍ତି ନାଣ୍ଟୁ ବାବୁ ଓରଫ ଅନନ୍ତ ନାରାୟଣ ଧଳ ।

# ଏ ସପ୍ତାହର ଭାଗ୍ୟବିଚାର

**ମେଷ :** ସୋମବାର : ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ । ଶୁକ୍ର ଓ ଶନିବାର : ଶିକ୍ଷକଙ୍କର ସହଯୋଗ ପାଇବେ । ରବିବାର ପାରିବାରିକ ସୁଖ ମିଳିବ ।

**ବୃଷ :** ସୋମବାର : ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ । ଶୁକ୍ର ଓ ଶନିବାର : ଘରର ପରିବେଶ ଭଲ ରହିବ । ରବିବାର : ଲାଭବାନ ହେବେ ।

**ମିଥୁନ :** ସେମାବାର : ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ । ଶୁକ୍ର ଓ ଶନିବାର : ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି । ରବିବାର :ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ ।

**କର୍କଟ :** ସୋମବାର : ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ । ମଙ୍ଗଳ, ବୁଧ ଓ ଗୁରୁବାର : ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ । ଶୁକ୍ର ଓ ଶନିବାର : ବ୍ୟବସାୟରେ ବିକ୍ରୀ ବଢ଼ିବ । ରବିବାର : ମନବାଞ୍ଛା ପୂର୍ଣ୍ଣ ହେବ ।

**ସିଂହ :** ସୋମବାର : ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ । ମଙ୍ଗଳ, ବୁଧ ଓ ଗୁରୁବାର : ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ । ଶୁକ୍ର ଓ ଶନିବାର : କିଛିନା କିଛି ଇଚ୍ଛା ପୂରା ହେବ । ରବିବାର : ନୂତନ କାର୍ଯ୍ୟରେ ଯୋଗଦେବେ ।

**କନ୍ୟା :** ସୋମବାର : କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର ଓ ଶନିବାର : ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ । ରବିବାର : କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ ।

**ତୁଳା :** ସୋମବାର : ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ । ମଙ୍ଗଳ, ବୁଧ ଓ ଗୁରୁବାର : ବେକାରଙ୍କୁ ରୋଜଗାର ମିଳିବ । ଶୁକ୍ର ଓ ଶନିବାର : ବିଶେଷ କାମରେ ବାଧା ଉପୁଜିପାରେ । ରବିବାର : ହଠାତ୍ ଅସୁସ୍ଥ ଅନୁଭବ କରିବେ ।

**ବିଛା :** ସୋମବାର : ବ୍ୟବସାୟରେ ସବୁ ଭଲ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ । ଶୁକ୍ର ଓ ଶନିବାର : ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ । ରବିବାର : ବ୍ୟବସାୟରେ ଲାଭବାନ ହେବେ ।

**ଧନୁ :** ସୋମବାର : କୌଣସି କାମରେ ଅଧିକ ସମୟ ବ୍ୟୟ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : ନୂଆ ଲୋକଙ୍କ ସହିତ ସଂପର୍କ ହେବ । ଶୁକ୍ର ଓ ଶନିବାର : କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ । ରବିବାର : ଅଯଥାରେ ସମୟ ଅତିବାହିତ ହେବ ।

**ମକର :** ସୋମବାର : ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ । ମଙ୍ଗଳ, ବୁଧ ଓ ଗୁରୁବାର : ଉପାର୍ଜନ ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର : କାରବାରରେ ସଫଳତା ପାଇବେ । ରବିବାର : କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ ।

**କୁମ୍ଭ :** ସୋମବାର : ସାମାଜିକ କାର୍ଯ୍ୟରେ ସମୟ ଦେବେ । ମଙ୍ଗଳ, ବୁଧ ଓ ଗୁରୁବାର : ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର : ନୂଆ କାର୍ଯ୍ୟରେ ରୁଚି ବଢ଼ିବ । ରବିବାର : ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ ।

**ମୀନ :** ସୋମବାର : ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ । ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ । ଶୁକ୍ର ଓ ଶନିବାର : ଆୟ ବୃଦ୍ଧି ହେବ । ରବିବାର : ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ ।

# ଖରାଦିନେ ଅଙ୍ଗୁର ସ୍ୱାସ୍ଥ୍ୟ ପାଇଁ ଉପକାରୀ

ଖରାଦିନେ ସୁସ୍ଥ ରହିବା ପାଇଁ ଅଧିକ ମାତ୍ରାରେ ଫଳର ସେବନ କରିବା ପାଇଁ ପରାମର୍ଶ ଦିଆଯାଇଥାଏ । ସମସ୍ତ ପ୍ରକାର ଫଳ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ମାତ୍ର ଖରାଦିନେ ଅଙ୍ଗୁର ସେବନ କରିବା ଖୁବ ହିତକାରୀ । ଏହି ଫଳ ସମସ୍ତ ଦୋକାନରେ ସହଜରେ ମିଳିଯାଇଥାଏ । ଜାଣନ୍ତୁ ଖରାଦିନେ ଅଙ୍ଗୁର ଖାଇବା ଦ୍ୱାରା କି କି ଲାଭ ହୋଇଥାଏ ।

— ଅଙ୍ଗୁରରେ ଭିଟାମିନ ସି ଭରପୁର ମାତ୍ରାରେ ରହିଛି । ତେଣୁ ଏହାକୁ ଖାଇବା ଦ୍ୱାରା ଶରୀରକୁ ଆବଶ୍ୟକ ପରିମାଣରେ ଭିଟାମିନ ସି ମିଳିଥାଏ । ଏହା ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ ।

— ଖରାଦିନେ ସାଧାରଣତଃ ତ୍ୱଚାର ସୁନ୍ଦରତା ଉପରେ ଖୁବ ପ୍ରଭାବ ପଡ଼ିଥାଏ । ଅଙ୍ଗୁରରେ ଥିବା ପୋଷକ ତତ୍ୱ ତ୍ୱଚାର ସୁନ୍ଦରତା ଓ ଚମକ ବୃଦ୍ଧି କରିବାରେ ସହାୟକ ହୋଇଥାଏ ।

— ଅଙ୍ଗୁର ସେବନ କରିବା ଦ୍ୱାରା କର୍କଟ ଭଳି ମାରାତ୍ମକ ରୋଗ ହେବାର ସମ୍ଭାବନା କମ ଥାଏ ।

— ଅଙ୍ଗୁରରେ ଅଧିକ ମାତ୍ରାରେ ପୋଟାସିୟମ ରହିଛି । ଯାହା ରକ୍ତଚାପ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ ।

— ଖରାଦିନେ ନିଜକୁ ସୁସ୍ଥ ରଖିବା ପାଇଁ ଅଙ୍ଗୁର ଖାଇବା ନିତ୍ୟାନ୍ତ ଆବଶ୍ୟକ । ଏହା ରକ୍ତରେ ଶର୍କରାର ମାତ୍ରାକୁ ମଧ୍ୟ ନିୟନ୍ତ୍ରଣ କରିଥାଏ ।

— ଅଙ୍ଗୁର ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି କ୍ଷମତା ବୃଦ୍ଧି ହୋଇଥାଏ । ଏହା ଚକ୍ଷୁ ପାଇଁ ଖୁବ ଉପକାରୀ ।

— ଅଙ୍ଗୁର ଖାଇବା ସହ ଏହାର ଜୁସ ମଧ୍ୟ ପ୍ରସ୍ତୁତ କରି ପିଇପାରିବେ ।



## ମା’ରାଣ ଦେହକୁ ନେବେନି...



ଅକ୍ଷିମୁଠି ହାତୁ ଖସିଖସି ଯାଏ
ଚାଷୀଙ୍କୁ ଲଙ୍ଗଳ ଦୁଶୁନି...
ମାଗଣା ଚାଉଳ ହାଣ୍ଡିରେ ଫୁଟୁଚି
ବସୁମତି ଆଉ ବାସୁନି..
ନେତାଙ୍କ ରେଏଟ ଖସୁନି...
ସର୍କାରୀ କଳଟା ଫେଡ଼ାଣ ଚାଷୁଚି
ବୋଇଲେ ମିଶାଣ ଆସୁନି...

- ସମ୍ବିତ ସେନାପତି

# ବୋଉର ରୋଷେଇ ଘର

## ବୋରବନ ଚକୋଲେଟ୍ ବ୍ରାଉନି କେକ



**ଆବଶ୍ୟକୀୟ ସାମଗ୍ରୀ :**
ବୋରବନ୍ ଚକୋଲେଟ୍ ବିସ୍କୁଟ୍ – ୨୨, ବଟର – ୪ ଚାମଚ (ତରଳିଥିବା), ମଇଦା – ୧/୨ କପ୍, କୋକୋ ପାଉଡର – ୧/୨ କପ୍, ଚିନି – ୧/୨ କପ୍, ଭାନିଲା ଏସେନ୍ସ – ୧ ଚାମଚ, ଲୁଣ – ୧ ଚିମ୍ଟା, ଚକୋଲେଟ୍ ଚିପ୍ସ – ୧/୨ କପ୍, ଅଣ୍ଡା – ୨

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ, ଉପରେ ଉଲ୍ଲେଖ କରାଯାଇଥିବା ସାମଗ୍ରୀ ପ୍ରସ୍ତୁତ କରନ୍ତୁ । ତା’ପରେ, ଚୁଲିକୁ ୧୭୫ ଡିଗ୍ରୀ ସେଲସିୟସରେ ଗରମ କରନ୍ତୁ ।

ଏକ ପାତ୍ରରେ ପେଷା ହୋଇଥିବା ବର୍ବନ୍ ବିସ୍କୁଟ୍ ଏବଂ ତରଳାଇ ବଟର ରଖନ୍ତୁ । ଏହି ମିଶ୍ରଣକୁ ଏକ ୮ଘ୮ ଇଞ୍ଚ ବେକିଂ ଟ୍ରେରେ ଢାଳନ୍ତୁ ଏବଂ ଏକ ଚାମଚ କିମ୍ବା ପାତ୍ର ସାହାଯ୍ୟରେ ଦୃଢ଼ ଭାବରେ ଚାପି ଦିଅନ୍ତୁ ଯାହା ଦ୍ୱାରା ଏକ ଦୃଢ଼ ଏବଂ ଖରାଟିଆ ବେସ୍ ସୃଷ୍ଟି ହେବ ।

ବର୍ତ୍ତମାନ, ବ୍ରାଉନି ବ୍ୟାଟର ପ୍ରସ୍ତୁତ କରନ୍ତୁ । ଏକ ବଡ଼ ପାତ୍ରରେ, ଚିନି, ଅଣ୍ଡା ଏବଂ ଭାନିଲା ଏସେନ୍ସକୁ ମିଶ୍ରଣ କରନ୍ତୁ ଏବଂ ଭଲ ଭାବରେ ଫେଣ୍ଟନ୍ତୁ । ଅନ୍ୟ ଏକ ପାତ୍ରରେ, ମଇଦା, କୋକୋ ପାଉଡର ଏବଂ ଲୁଣ ଛାଣନ୍ତୁ । ଏହି ଶୁଖିଲା ମିଶ୍ରଣକୁ ଓଦା ମିଶ୍ରଣରେ ଧୀରେ ଧୀରେ ମିଶାନ୍ତୁ ଏବଂ ଧୀରେ ଧୀରେ ମିଶାନ୍ତୁ । ବ୍ୟାଟରକୁ ଅଧିକ ନହେବା ପାଇଁ ସତର୍କ ରୁହନ୍ତୁ, ନଚେତ୍ ବ୍ରାଉନିଗୁଡ଼ିକ କଠିନ ହୋଇଯିବ । ଯଦି ଇଚ୍ଛା ହୁଏ, ତେବେ ଆପଣ ଚକୋଲେଟ୍ ଚିପ୍ସ ମଧ୍ୟ ଯୋଡିପାରିବେ । ସବୁକିଛି ପ୍ରସ୍ତୁତ । ବର୍ତ୍ତମାନ, ବିସ୍କୁଟ୍ ବେସ୍ ଉପରେ ବ୍ୟାଟର ବିସ୍ତାର କରନ୍ତୁ, ଟ୍ରେକୁ ଚୁଲିରେ ରଖନ୍ତୁ, ଏବଂ ୨୦-୨୫ ମିନିଟ୍ ପାଇଁ ବେକ୍ କରନ୍ତୁ । ଏହି ସମୟରେ ପରେ ବ୍ରାଉନି ପ୍ରସ୍ତୁତ ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା’ ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




## ଇରାନ ଯୁଦ୍ଧକୁ ନେଇ ଦେଶଗୁଡ଼ିକୁ 'ଭଲ' ଓ 'ଖରାପ' ତାଲିକାରେ ବାଣ୍ଟିଲା ଆମେରିକା

# ନାଟୋ ସହଯୋଗୀଙ୍କ ପାଇଁ ଟ୍ରମ୍ପଙ୍କ 'ରିପୋର୍ଟ କାର୍ଡ'

**ୱାଶିଂଟନ(ଏଜେନ୍ସି):** ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ନାଟୋ ସହଯୋଗୀ ଦେଶମାନଙ୍କ ପ୍ରତି ଏକ କଠୋର ଏବଂ ବିଭାଜନକାରୀ ଆଭିମୁଖ୍ୟ ଗ୍ରହଣ କରିଥିବା ବେଳେ ଏକ 'ଭଲ' ଓ 'ଖରାପ' ସହଯୋଗୀଙ୍କ ତାଲିକା ପ୍ରସ୍ତୁତ କରି ସମଗ୍ର ୟୁରୋପୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛନ୍ତି। ବିଶେଷ କରି ଇରାନ ବିରୁଦ୍ଧରେ ଚାଲିଥିବା ସାମରିକ କାର୍ଯ୍ୟାନୁଷ୍ଠାନରେ ଯେଉଁ ଦେଶଗୁଡ଼ିକ ଆମେରିକାକୁ ସମର୍ଥନ କରିନାହାନ୍ତି, ସେମାନଙ୍କୁ ଚାପରେ ରଖିବା ପାଇଁ ଏହି ଯୋଜନା ପ୍ରସ୍ତୁତ କରାଯାଇଛି। ନାଟୋ ସଚିବ ଜେନେରାଲ ମାର୍କ ରୁଟଙ୍କ ଆମେରିକା ଗସ୍ତ ପୂର୍ବରୁ ଆସିଥିବା ଏହି ରିପୋର୍ଟ ଅନୁଯାୟୀ, ଆମେରିକା ବର୍ତ୍ତମାନ ସହଯୋଗୀ ଦେଶଗୁଡ଼ିକୁ ସେମାନଙ୍କର ଅବଦାନ ଏବଂ ସମର୍ଥନ ଆଧାରରେ ଶ୍ରେଣୀଭୁକ୍ତ କରିବାକୁ ଯାଉଛି। ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍‌ଙ୍କ ସୂଚନା ଅନୁଯାୟୀ, ପୋଲାଣ୍ଡ, ଜର୍ମାନୀ ଓ ବାଲ୍ଟିକ୍ ଦେଶଗୁଡ଼ିକ (ଏଷ୍ଟୋନିଆ, ଲାଟଭିଆ ଓ ଲିଥୁନିଆ) ଯେଉଁମାନେ ପ୍ରତିରକ୍ଷା ଖର୍ଚ୍ଚ ବୃଦ୍ଧି କରିଛନ୍ତି, ସେମାନଙ୍କୁ 'ଆଦର୍ଶ ସହଯୋଗୀ' ଭାବେ ବିବେଚନା କରାଯାଇ ଅଧିକ ସାମରିକ ସହାୟତା




ଓ ସୁରକ୍ଷା ପ୍ରଦାନ କରାଯିବ। ସେହିଭଳି ଚେକ୍ ଗଣରାଜ୍ୟ, ଆଲବାନିଆ, ରୋମାନିଆ ଓ ବୁଲଗେରିଆ ଆମେରିକାକୁ ସେମାନଙ୍କ ସାମରିକ ଘାଟି ବ୍ୟବହାର କରିବାକୁ ଅନୁମତି ଦେଇଥିବାରୁ ଲାଭବାନ ହେବେ। ଅନ୍ୟପଟେ ଫ୍ରାନ୍ସ, ସ୍ପେନ୍, ଇଟାଲୀ, ଗ୍ରୀସ୍ ଓ ତୁର୍କୀ ଭଳି ଦେଶ ଯେଉଁମାନେ ଆମେରିକାର କଥା ମାନିବାକୁ ମନା କରିଛନ୍ତି, ସେମାନେ ଆମେରିକୀୟ ସୈନ୍ୟ ସଂଖ୍ୟା ହ୍ରାସ କିମ୍ବା ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ ହେବା ଭଳି ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇପାରନ୍ତି। ବ୍ରିଟେନ ମଧ୍ୟ ପ୍ରଥମେ ଦ୍ୱିଧାବୋଧ ପ୍ରକାଶ କରି ପରେ ସୀମିତ ସହାୟତା ପ୍ରଦାନ କରିଥିବାରୁ ଏହି ତାଲିକାରେ କେଉଁ ସ୍ଥାନରେ ରହିବ ତାହା ଚର୍ଚ୍ଚାର ବିଷୟ ପାଲଟିଛି।

ତେବେ ଆମେରିକାର ଏହି 'ପୁରସ୍କାର ଓ ଦଣ୍ଡ' ନୀତିକୁ ନେଇ ନିଜ ଦେଶ ଭିତରେ ମଧ୍ୟ ସମାଲୋଚନା ଆରମ୍ଭ ହୋଇଛି। ଅନେକ ବିଶେଷଜ୍ଞ ଓ ସିନେଟର ରୋଜର ୱିକରଙ୍କ ଭଳି ନେତା ମତ ଦେଇଛନ୍ତି ଯେ, ଏଭଳି ବର୍ଗୀକରଣ ନାଟୋ ଭଳି ଏକ ଶକ୍ତିଶାଳୀ ମେଣ୍ଟର ଏକତାକୁ ଦୁର୍ବଳ କରିଦେବ। ଯଦି ଆମେରିକା ନିଜର ସ୍ୱାର୍ଥ ସାଧନ ପାଇଁ ସହଯୋଗୀଙ୍କୁ ଭାଗ ଭାଗ କରେ, ତେବେ ଏହା ୟୁରୋପ ଏବଂ ଆମେରିକା ମଧ୍ୟରେ ଥିବା ସମ୍ପର୍କକୁ ଅଧିକ ତିକ୍ତ କରିପାରେ। ସାମରିକ ମେଣ୍ଟରେ ଏଭଳି କର୍ପୋରେଟ୍ ଶୈଳୀର 'ପରଫରମାନ୍ସ ଚାର୍ଟ' ପ୍ରସ୍ତୁତ କରିବା ଦ୍ୱାରା ବୈଦେଶିକ ନୀତିରେ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା ରହିଛି।

## ଭାରତକୁ ନର୍କ କହି ଅଡୁଆରେ ଟ୍ରମ୍ପ

# ସୋସିଆଲ୍ ମିଡିଆ ପୋଷ୍ଟକୁ ନେଇ ହଙ୍ଗାମା

**ୱାସିଂଟନ(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଏକ ସୋସିଆଲ୍ ମିଡିଆ ପୋଷ୍ଟକୁ ନେଇ ବିବାଦ ଘେରକୁ ଆସିଛନ୍ତି। ଏଥର ସେ ତାଙ୍କ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଆମେରିକୀୟ ଲେଖକ ଏବଂ ମତାମତକାରୀ ମାଇକେଲ୍ ସାଭେଜଙ୍କ ଏକ ପୁରୁଣା ଭିଡିଓକୁ ରି-ପୋଷ୍ଟ କରିଛନ୍ତି, ଯେଉଁଥିରେ ମାଇକେଲ୍ ଭାରତ ଏବଂ ଚୀନ୍ ଭଳି ଦେଶ ବିରୋଧରେ ଆପତ୍ତିଜନକ ଭାଷା ବ୍ୟବହାର କରିଛନ୍ତି। ଏହି ଭିଡିଓଟି ମାଇକେଲ ସାଭେଜଙ୍କ ଦ୍ୱାରା ଏପ୍ରିଲ ୧ ତାରିଖରେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଲାଇଭ୍-ଷ୍ଟ୍ରିମ୍ କରାଯାଇଥିଲା, ଯେଉଁଥିରେ ସେ 'ଜନ୍ମାଧିକାର ନାଗରିକତା'କୁ ସମାଲୋଚନା କରି ମୌଳବାଦୀ ମତାମତ ପ୍ରକାଶ କରିଥିଲେ। ସେ ଆମେରିକା ସମ୍ବିଧାନର ପୁରୁଣା ସ୍ୱଭାବକୁ ଉଲ୍ଲେଖ କରି ଆଧୁନିକ ପ୍ରବାସ ବ୍ୟବସ୍ଥା ଉପରେ ପ୍ରଶ୍ନ



ଉଠାଇଥିଲେ। ସେ ଭାରତ ଓ ଚୀନ୍ ଭଳି ଦେଶ ବିଷୟରେ ବିବାଦୀୟ ଏବଂ ଅପମାନଜନକ ମନ୍ତବ୍ୟ ମଧ୍ୟ ଦେଇ 'ଅନ୍ୟ ଏକ ନର୍କ' ବୋଲି କହିଥିଲେ। ଭିଡିଓକୁ ସିଧାସଳଖ ସେୟାର କରିବା ପରିବର୍ତ୍ତେ, ଟ୍ରମ୍ପ୍ ଭିଡିଓର ସମ୍ପୂର୍ଣ୍ଣ ଲେଖାକୁ ଟ୍ରୁଥ୍ ସୋସିଆଲରେ ଚାରି ପୃଷ୍ଠାର ପୋଷ୍ଟ ଭାବରେ ପ୍ରକାଶ କରିଛନ୍ତି। ଯାହା ଏହି ପ୍ରସଙ୍ଗକୁ ଆହୁରି ଜଟିଳ କରିଛି। ସମାଲୋଚକମାନେ ଟ୍ରୋଲ୍ କରି କହିଛନ୍ତି ଯେ, ଜଣେ ରାଷ୍ଟ୍ରପତିଙ୍କ ଦ୍ୱାରା ଏପରି ସାମଗ୍ରୀର ପୁନଃପ୍ରକାଶନ କେବଳ ବିବାଦୀୟ ନୁହେଁ ବରଂ ସେହି ମତାମତକୁ ବୈଧତା ମଧ୍ୟ ପ୍ରଦାନ କରୁଛି। ମାଇକେଲ ସାଭେଜଙ୍କ ଭିଡିଓଟି ପ୍ରାରମ୍ଭରେ ବହୁତ କମ୍ ଲୋକ ଦେଖିଥିଲେ ଏବଂ କେବଳ କିଛି ହଜାର ଭ୍ୟୁ ପାଇଥିଲା। ତେବେ ଟ୍ରମ୍ପ ଏହାକୁ ସେୟାର କରିବା ପରେ, ଏହା ଅନ୍ତର୍ଜାତୀୟସ୍ତରରେ ଆଲୋଚନାର ବିଷୟ ପାଲଟିଛି। ଟ୍ରମ୍ପ ପୂର୍ବରୁ ପ୍ରବାସ ଏବଂ ଜନ୍ମଗତ ନାଗରିକତା ସମ୍ପର୍କରେ କଡ଼ା ବକ୍ତବ୍ୟ ଦେଇଛନ୍ତି। ଏକ ସାକ୍ଷାତକାରରେ ଏହି ପ୍ରସଙ୍ଗରେ କଡ଼ା ମତାମତ ପ୍ରକାଶ କରି ସେ ସ୍ପଷ୍ଟ କରିଛନ୍ତି ଯେ ତାଙ୍କର ନୀତିଗୁଡ଼ିକ ଏହି ପ୍ରସଙ୍ଗରେ ବହୁତ କଠୋର ମନୋଭାବ ଗ୍ରହଣ କରେ। ଏହି ସମ୍ପୂର୍ଣ୍ଣ ପ୍ରସଙ୍ଗ ରାଜନୈତିକ ଏବଂ କୂଟନୈତିକ ମହଲରେ ନୂତନ ବିତର୍କ ସୃଷ୍ଟି କରିଛି। ବିଶେଷଜ୍ଞମାନଙ୍କ ଅନୁସାରେ ଜଣେ ଉଚ୍ଚପଦସ୍ଥ ନେତାଙ୍କ ଦ୍ୱାରା ସେୟାର କରାଯାଇଥିବା ଏପରି ମନ୍ତବ୍ୟ ଅନ୍ତର୍ଜାତୀୟ ସମ୍ପର୍କରେ ନକାରାତ୍ମକ ପ୍ରଭାବ ପକାଇପାରେ। ଏହି ବିବାଦ କେବଳ ଗୋଟିଏ ସୋସିଆଲ ମିଡିଆ ପୋଷ୍ଟରେ ସୀମିତ ନାହିଁ। ଏହା ଆମେରିକାର ପ୍ରବାସ ନୀତି, ରାଜନୈତିକ ଭାଷା ଏବଂ ବିଶ୍ୱ କୂଟନୀତି ବିଷୟରେ ମଧ୍ୟ ଗମ୍ଭୀର ପ୍ରଶ୍ନ ଉଠାଇଛି।

# ଯୁଦ୍ଧବିରତି ଭିତରେ ଆମେରିକାର 'ଇକୋନୋମିକ୍ ସର୍ଜିକାଲ ଷ୍ଟ୍ରାଇକ୍'

**ନୂଆଦିଲ୍ଲୀ (ଏଜେନ୍ସି):** ଆମେରିକା ଏବଂ ଇରାନ ମଧ୍ୟରେ ଲାଗିରହିଥିବା ଉତ୍ତେଜନା ଏବେ ଏକ ନୂଆ ମୋଡ଼ ନେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧବିରତି ବା ସିଜଫାୟାର୍ ଅବଧିକୁ ବୃଦ୍ଧି କରିଥିଲେ ହେଁ, ଇରାନକୁ ଆର୍ଥିକ ସ୍ତରରେ ଶାସିତ କରିବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ଆମେରିକାର ଅର୍ଥମନ୍ତ୍ରୀ ସ୍କଟ୍ ବେସେଣ୍ଟ ଏକ ସ୍ପଷ୍ଟ ଚେତାବନୀ ଦେଇ କହିଛନ୍ତି ଯେ, ଇରାନକୁ ଆର୍ଥିକ ଚୋଟ ଦେଇ ଝୁକାଇବା ପାଇଁ ଆମେରିକା ପ୍ରସ୍ତୁତ। ଆମେରିକାର ଅର୍ଥମନ୍ତ୍ରୀ ସ୍କଟ୍ ବେସେଣ୍ଟ 'ଏକ୍ସ'ରେ ଏକ ପୋଷ୍ଟ କରି ଆମେରିକାର ଆଗାମୀ ଯୋଜନା ବିଷୟରେ ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ, ଆମେରିକୀୟ ନୌସେନା ଇରାନର ପ୍ରମୁଖ ବନ୍ଦରଗୁଡ଼ିକୁ ବ୍ଲକ୍ କରିବା ଜାରି ରଖିବ। ଏହାଦ୍ୱାରା ଇରାନର ତୈଳ ରପ୍ତାନି ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେବ। ଘେରାବନ୍ଦୀ ଯୋଗୁଁ ଇରାନର ବିଶ୍ୱପ୍ରସିଦ୍ଧ ଖର୍ଗ ଦ୍ୱୀପରେ ଥିବା ତେଲ ଷ୍ଟୋରେଜ୍ ଭରିଯିବ, ଯାହାଫଳରେ ଇରାନକୁ ନିଜର ତୈଳ କୂପଗୁଡ଼ିକୁ ବନ୍ଦ କରିବାକୁ ପଡ଼ିବ। ଏହା ଇରାନର ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗିଦେବ। ଇରାନ ସରକାରଙ୍କ ଆୟର ମୁଖ୍ୟ ଉତ୍ସକୁ କାଟିବା ପାଇଁ ଆମେରିକା 'ଇକୋନୋମିକ ଫ୍ୟୁରି' ବା ଆର୍ଥିକ ପ୍ରକୋପ ଜାରି ରଖିବ। କେବଳ ଇରାନ ନୁହେଁ, ବରଂ ଇରାନକୁ ଗୁପ୍ତରେ ସାହାଯ୍ୟ କରୁଥିବା ବ୍ୟକ୍ତି ବା ଜାହାଜ ମାଲିକଙ୍କ ବିରୋଧରେ ମଧ୍ୟ ଆମେରିକା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଯଦି କେହି ଚୋରା ବାଟରେ ଇରାନ ସହ ବାଣିଜ୍ୟିକ କାରବାର କରେ, ତେବେ ସେମାନଙ୍କ ଉପରେ ମଧ୍ୟ ଆମେରିକା ପ୍ରତିବନ୍ଧକ ଲଗାଇବ। ଇରାନର ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ନାଁରେ ସେଠାକାର 'ଭ୍ରଷ୍ଟ ନେତାଙ୍କ' ସମ୍ପତ୍ତିକୁ ଫ୍ରିଜ୍ କରାଯାଉଛି



ବୋଲି ବେସେଣ୍ଟ କହିଛନ୍ତି। ଆମେରିକାର ଅର୍ଥମନ୍ତ୍ରୀ ସ୍କଟ୍ ବେସେଣ୍ଟ 'ଏକ୍ସ'ରେ ଏକ ପୋଷ୍ଟ କରି ଆମେରିକାର ଆଗାମୀ ଯୋଜନା ବିଷୟରେ ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ, ଆମେରିକୀୟ ନୌସେନା ଇରାନର ପ୍ରମୁଖ ବନ୍ଦରଗୁଡ଼ିକୁ ବ୍ଲକ୍ କରିବା ଜାରି ରଖିବ। ଏହାଦ୍ୱାରା ଇରାନର ତୈଳ ରପ୍ତାନି ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେବ। ଘେରାବନ୍ଦୀ ଯୋଗୁଁ ଇରାନର ବିଶ୍ୱପ୍ରସିଦ୍ଧ ଖର୍ଗ ଦ୍ୱୀପରେ ଥିବା ତେଲ ଷ୍ଟୋରେଜ୍ ଭରିଯିବ, ଯାହାଫଳରେ ଇରାନକୁ ନିଜର ତୈଳ କୂପଗୁଡ଼ିକୁ ବନ୍ଦ କରିବାକୁ ପଡ଼ିବ। ଏହା ଇରାନର ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗିଦେବ। ଇରାନ ସରକାରଙ୍କ ଆୟର ମୁଖ୍ୟ ଉତ୍ସକୁ କାଟିବା ପାଇଁ ଆମେରିକା 'ଇକୋନୋମିକ ଫ୍ୟୁରି' ବା ଆର୍ଥିକ ପ୍ରକୋପ ଜାରି ରଖିବ। କେବଳ ଇରାନ ନୁହେଁ, ବରଂ ଇରାନକୁ ଗୁପ୍ତରେ ସାହାଯ୍ୟ କରୁଥିବା ବ୍ୟକ୍ତି ବା ଜାହାଜ ମାଲିକଙ୍କ ବିରୋଧରେ ମଧ୍ୟ ଆମେରିକା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଯଦି କେହି ଚୋରା ବାଟରେ ଇରାନ ସହ ବାଣିଜ୍ୟିକ କାରବାର କରେ, ତେବେ ସେମାନଙ୍କ ଉପରେ ମଧ୍ୟ ଆମେରିକା ପ୍ରତିବନ୍ଧକ ଲଗାଇବ।

# ଆଇନ ଅଦାଲତ

## ରାଉରକେଲା ପୌର ନିଗମ ନିର୍ବାଚନ ପାଇଁ ବାଟ ଫିଟିଲା, ଅନ୍ତରୀଣ ଅଙ୍କୁଶ ହଟିଲା

**କଟକ(ଏନ୍.ଏମ୍.):** ରାଉରକେଲା ପୌର ନିଗମ ନିର୍ବାଚନ ପାଇଁ ବାଟ ଫିଟିଛି। ୨୦୧୪, ନଭେମ୍ବର ୧୪ରେ ରାଉରକେଲା ପୌର ପରିଷଦକୁ ପୌର ନିଗମରେ ପରିଣତ କରି ପ୍ରକାଶିତ ବିଜ୍ଞପ୍ତି ବିରୋଧରେ ୨୦୧୫ରୁ ବିଚାରାଧୀନ ଦୁଇ ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ଏଥି ସହିତ ୨୦୧୪, ନଭେମ୍ବର ୧୪ର ବିଜ୍ଞପ୍ତି ଉପରେ ରହିତାଦେଶ ଜାରି କରି ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ଆଦେଶକୁ ହାଇକୋର୍ଟ ଉଠାଇ ଦେଇଛନ୍ତି। ରାଉରକେଲା ପୌର ପରିଷଦର ପୂର୍ବତନ ନଗରପାଳ ନିହାର ରାୟ ୨୦୨୧ରେ ଦାୟର କରିଥିବା ଅନ୍ୟ ଏକ ମାମଲାରେ ହାଇକୋର୍ଟ ତୁରନ୍ତ ପୌର ନିଗମ ନିର୍ବାଚନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଆର.କେ.ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ତିନୋଟି ମାମଲାର ଏକତ୍ର ଶୁଣାଣି କରି ଏପରି ରାୟ ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ପୌର ନିଗମ ପାଇଁ ନିର୍ଦ୍ଦିଷ୍ଟ ଜନସଂଖ୍ୟା ନିୟମ ରହିଥିବା ବେଳେ ଏହି ମାନଦଣ୍ଡ ପୂରଣ ପାଇଁ ରାଉରକେଲା ସହରର ନିକଟରେ ଥିବା



କେତେକ ପଞ୍ଚାୟତକୁ ପୌର ନିଗମ ଅଞ୍ଚଳରେ ସାମିଲ ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ଏହି ପ୍ରସଂଗରେ ଆପତ୍ତି ଆହ୍ୱାନ କରାଯାଇଥିଲା। ଆପତ୍ତିକୁ ବିଚାରକୁ ନେବା ପରେ ୨୦୧୪ର ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରାଉରକେଲା ପୌର ପରିଷଦର ୩୩ଟି ୱାର୍ଡ ସହିତ ଜଗଦା, ଝରତରଙ୍ଗ ପଞ୍ଚାୟତର କେତେକ ଗ୍ରାମ, ରାଉରକେଲା ଟାଉନ ୟୁନିଟ-୪୮ର କେତେକ ଅଞ୍ଚଳକୁ ପୌର ନିଗମରେ ଅନ୍ତର୍ଭୁକ୍ତ କରି ୨୦୧୪, ନଭେମ୍ବର ୧୪ର ବିଜ୍ଞପ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ପ୍ରକାଶ କରାଯାଇଥିଲା। ଜଗଦା ଓ ଝରତରଙ୍ଗ ପଞ୍ଚାୟତର କେତେକ ବାସିନ୍ଦାଙ୍କ ତରଫରୁ ଏପରି ପଦକ୍ଷେପକୁ ବିରୋଧ କରି ୨୦୧୫ରେ ହାଇକୋର୍ଟରେ ଦୁଇଟି ମାମଲା ରୁଜୁ କରାଯାଇଥିଲା। ୨୦୧୫, ମାର୍ଚ୍ଚ ୨୬ରେ ହାଇକୋର୍ଟ ମାମଲାର ଶୁଣାଣି କରି ୨୦୧୪, ନଭେମ୍ବର ୧୪ର ବିଜ୍ଞପ୍ତି ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ଏହାପରେ ମାମଲା ବିଚାରାଧୀନ ଥିବା ବେଳେ ବିଭିନ୍ନ ତାରିଖରେ ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ରହିତାଦେଶ ବଳବତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏପରି ଆଇନଗତ ବିବାଦ ପାଇଁ ରାଉରକେଲା ପୌର ନିଗମ ନିର୍ବାଚନ ହୋଇ ପାରୁ ନଥିଲା। ଏହି ଦୁଇ ମାମଲା ବିଚାରାଧୀନ ଥିବା ବେଳେ ଶ୍ରୀ ରାୟ ୨୦୨୧ରେ ରାଉରକେଲା ପୌର ନିର୍ବାଚନ ପ୍ରସଂଗ ନେଇ ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ୨୦୧୪, ନଭେମ୍ବର ୧୪ରେ ରାଉରକେଲା ପୌର ନିଗମ ଗଠନ ନେଇ ବିଜ୍ଞପ୍ତି ପ୍ରକାଶ କରିଥିବା ବେଳେ ବୃହତ ସହରାଞ୍ଚଳ ପାଇଁ କେତେକ ନୂଆ ଅଞ୍ଚଳକୁ ସାମିଲ କରାଯାଇଥିଲା। ଆଶା ଥିଲା ପୌର ନିଗମରେ ନୂଆ ଜନପ୍ରତିନିଧି ଆସିବେ ଆଉ ଲୋକଙ୍କ ସମସ୍ୟାର ସମାଧାନ ହେବ। ରାଉରକେଲା ପେ ?ରାଞ୍ଚଳର ବାସିନ୍ଦା ନିଗମର ମୌଳିକ ସୁବିଧା ପାଇବେ। କିନ୍ତୁ ପୌର ନିଗମ ବିଜ୍ଞପ୍ତିକୁ ନେଇ ବିବାଦ ଦେଖା ଦେଇଥିଲା। ରାଉରକେଲା ପୌର ନିଗମ ତରଫରୁ ଆଇନଜୀବୀ ପବିତ୍ର କୁମାର ନାୟକ ମାମଲା ପରିଚାଳନା କରୁଥିଲେ।

## ଡେଣ୍ଟାଲ ସର୍ଜନ ନିଯୁକ୍ତି ମାମଲା: ମୁଖ୍ୟ ସଚିବ, ସ୍ୱାସ୍ଥ୍ୟ ସଚିବଙ୍କ ସମେତ ଚାରି ପ୍ରତିପକ୍ଷଙ୍କୁ ନୋଟିସ

**କଟକ(ଏନ୍.ଏମ୍.):** ଡେଣ୍ଟାଲ୍ ସର୍ଜନ୍ ନିଯୁକ୍ତି କ୍ଷେତ୍ରରେ ଅନିୟମିତତା ମାମଲାରେ ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନଥିବା ଅଭିଯୋଗ କରି ଦାୟର ଅଦାଲତ ଅବମାନନା ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ହାଇକୋର୍ଟ ଅଦାଲତ ଅବମାନନା ମାମଲାରେ ପ୍ରତିପକ୍ଷ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବ, ଓଡ଼ିଶା ଲୋକସେବା ଆୟୋଗ ସଚିବ ଓ ଅଧକ୍ଷଙ୍କୁ ପୁଲିସ ନୋଟିସ ଜାରି କରିଛନ୍ତି। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଡାକ୍ତର ସଞ୍ଜୟ କୁମାର ପଣ୍ଡାଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରତିପକ୍ଷଙ୍କୁ ପୁଲିସ ମାମଲାର ନୋଟିସ ପ୍ରଦାନ କରିବ। ଏହି ନିର୍ଦ୍ଦେଶ ଅନୁପାଳନ ରିପୋର୍ଟ ଇ-ମେଲ ମାଧ୍ୟମରେ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କ ନିକଟରେ ପୁଲିସ ଦାଖଲ କରିବ। କୋର୍ଟଙ୍କ ଆଦେଶକୁ ଅବମାନନା କରିବା ଏକ ଦଣ୍ଡନୀୟ ଅପରାଧ। ଏଥିପାଇଁ ଅଦାଲତ ଅବମାନନା ଆଇନ, ୧୯୭୧ ଅନୁଯାୟୀ କାରାଦଣ୍ଡ ମଧ ଭୋଗିବାକୁ ପଡ଼ିପାରେ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ମେ' ୧୨କୁ ଧାର୍ଯ୍ୟ କରାଯାଇଛି। ୨୦୧୭-୧୮ରେ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍ସି) ପକ୍ଷରୁ ଡେଣ୍ଟାଲ୍ ସର୍ଜନ୍ ପଦରେ ନିଯୁକ୍ତି ପାଇଁ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ମେଧାବୀଙ୍କୁ ଉପେକ୍ଷା କରାଯାଇଥିବା ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଥିଲେ। ଦୁଇ ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ ସପକ୍ଷରେ ଜଣିକିଆ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ୨୦୨୪, ଫେବ୍ରୁଆରି ୨୩ର ରାୟ ଦେଇଥିଲେ। ଏହି ରାୟ ବିରୋଧରେ ଓପିଏସସି ଦୁଇ ଜଣିଆ ଖଣ୍ଡପୀଠରେ ରିଟ ଅପିଲ ଦାୟର କରିଥିଲା। ହାଇକୋର୍ଟ ୨୦୨୬, ଫେବ୍ରୁଆରି ୨୫ରେ ରିଟ ଅପିଲର ରାୟ ପ୍ରକାଶ କରିଥିଲେ। ଏହି ଘଟଣାରେ ତ୍ରୁଟି କରିଥିବା ଅଧିକାରୀଙ୍କ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରାଯିବା ଉଚିତ ବୋଲି ହାଇକୋର୍ଟ କହିଥିଲେ। ତ୍ରୁଟି କରିଥିବା ଅଧିକାରୀଙ୍କ ନିକଟରୁ ୫ ଲକ୍ଷ ଟଙ୍କା ଉଦାହରଣୀୟ ବିଧିମୂଳକ ବ୍ୟୟ (କଷ୍ଟ) ଭରଣା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ସଚିବଙ୍କ ତଦାରଖରେ ଉପଯୁକ୍ତ ତଦନ୍ତ କରାଯିବ ବୋଲି ହାଇକୋର୍ଟ କହିଥିଲେ। ଏଥି ସହିତ ନିଯୁକ୍ତି ପ୍ରକ୍ରିୟାରେ ସଫଳତାର ସହିତ ଅଂଶଗ୍ରହଣ କରି ନିଯୁକ୍ତି ପାଇଁ ଆଶାୟୀ ଥିବା ଦୁଇ ପ୍ରତିପକ୍ଷଙ୍କୁ ଖାଲି ଥିବା ଡେଣ୍ଟାଲ ସର୍ଜନ ପଦରେ ନିଯୁକ୍ତି ଦେବା ସପକ୍ଷରେ ହାଇକୋର୍ଟ ରାୟ ଦେଇଥିଲେ। ଏହି ରାୟ କାର୍ଯ୍ୟକାରୀ ନହେବାରୁ ମୂଳ ଆବେଦନକାରୀ ଅଦାଲତ ଅବମାନନା ମାମଲା ଦାୟର କରିଛନ୍ତି।

## ଦୁବାଇରେ ଅଟକ ଓଡ଼ିଆ ମହିଳାଙ୍କ ଉଦ୍ଧାର ମାମଲା

## ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ଲାଗି ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ(ଏନ୍.ଏମ୍.):** ଦୁବାଇରେ ବେଆଇନ ଭାବେ ବନ୍ଦୀ ଅବସ୍ଥାରେ ଏକ ଭିଲ୍ଲାରେ ରଖାଯାଇଥିବା ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ଉପଖଣ୍ଡ ଅଞ୍ଚଳର ଜଣେ ମହିଳାଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ପୀଡ଼ିତ ମହିଳାଙ୍କୁ ଉଦ୍ଧାର ପାଇଁ ଟିଟିଲାଗଡ଼ ଅଞ୍ଚଳର ଜଣେ ସାମାଜିକ କର୍ମୀ ରଞ୍ଜୁ ରାଇମନ ଦାୟର କରିଥିବା ହେବିୟସ କର୍ପସ ପିଟିସନର ହାଇକୋର୍ଟରେ ଶୁଣାଣି ସମୟରେ ଓଡ଼ିଶାର ଜଣେ ନାଗରିକ ବିଦେଶରେ ବେଆଇନ ଭାବେ ଅଟକ ରହିଥିବା ଦର୍ଶାଯାଇଥିଲା। ଏହି ପ୍ରସଂଗରେ କେନ୍ଦ୍ର ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ବଳିଷ୍ଠ ନଥିପତ୍ରର ଅନୁପସ୍ଥିତିରେ ଫଳପ୍ରଦ ପଦକ୍ଷେପ ଗ୍ରହଣ ସୁନିଶ୍ଚିତ କରାଯାଇ ପାରୁ ନାହିଁ। ଆଗାମୀ କାର୍ଯ୍ୟାନୁଷ୍ଠାନ ପାଇଁ ପାସପୋର୍ଟ ସମେତ ପୀଡ଼ିତାଙ୍କ ସବିଶେଷ ତଥ୍ୟ ପ୍ରଦାନ କରାଯିବା ଆବଶ୍ୟକ। ବଲାଙ୍ଗୀର ଡିଏସପି ପୀଡ଼ିତାଙ୍କ ପାସପୋର୍ଟର ଫଟୋକପି ପାଇଥିବା ନେଇ ତାଙ୍କ ଅଭିଭାବକଙ୍କୁ କହିଥିଲେ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ଡିଏସପିଙ୍କ ନିକଟରେ ଥିବା ଏ ସଂପର୍କିତ ସମସ୍ତ ନଥିପତ୍ର ଡେପୁଟି ସଲିସିଟର ଜେନେରାଲ ଅଫ ଇଣ୍ଡିଆ (ଡିଏସଜିଆଇ)ଙ୍କ ନିକଟକୁ ପଠାଇବା ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ସବୁ ନଥିପତ୍ର ହସ୍ତଗତ ହେବା ପରେ ପୀଡ଼ିତାଙ୍କୁ ସ୍ୱଦେଶକୁ ଫେରାଇ ଆଣିବାକୁ ଡିଏସଜିଆଇ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମାଧ୍ୟମରେ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ହେବିୟସ କର୍ପସ ପିଟିସନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମେ ୧୧କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ତିନୋଟି ସନ୍ତାନର ଜନନୀ ପୀଡ଼ିତାଙ୍କୁ ତାଙ୍କ ସ୍ୱାମୀ ମୁମ୍ବାଇରେ ଜଣେ ମହିଳାଙ୍କୁ ବିକ୍ରି କରିଦେଇଥିବା ଅଭିଯୋଗ ରହିଛି। ସଂପୃକ୍ତ ମହିଳା ପୀଡ଼ିତାଙ୍କୁ ଦୁବାଇ ନେଇ ଯାଇ ସେଠାରେ ଜଣେ ସେଖ୍‌ଙ୍କୁ ବିକ୍ରି କରି ଦେଇଥିଲେ। ଏହପରେ ଦୁବାଇର ଏକ ଭିଲ୍ଲାରେ ମହିଳାଙ୍କୁ ଏକ ପ୍ରକାର ବନ୍ଦୀ ଅବସ୍ଥାରେ ଅଟକ ରଖାଯାଇଛି। ପୀଡ଼ିତାଙ୍କ ଠାରୁ ତାଙ୍କ ପାସପୋର୍ଟ ଓ ଭିସା ଛଡ଼ାଇ ନିଆଯାଇଛି। ନିକଟରେ ପୀଡ଼ିତା ସ୍ଥାନୀୟ ଲୋକଙ୍କ ସହାୟତାରେ ଏକ ଭିଡିଓ କ୍ଲିପ ସାମାଜିକ ଗଣମାଧ୍ୟମରେ ଅପଲୋଡ୍ କରାଇ ଉଦ୍ଧାର ପାଇଁ ନିବେଦନ କରିଥିଲେ। ଏହି ଭିଡିଓରେ ବୁର୍ଜ ଖଲିଫା କୋଠା ମଧ୍ୟ ଦୃଶ୍ୟମାନ ହୋଇଥିଲା। ଏହି ଭିଡିଓ ଭାଇରାଲ ହେବା ପରେ ପୀଡ଼ିତାଙ୍କ ବାପା ଟିଟିଲାଗଡ଼ ଥାନାରେ ଏତଲା ଦେବା ସହିତ ପୀଡ଼ିତାଙ୍କୁ ଉଦ୍ଧାର ପାଇଁ ନିବେଦନ କରିଥିଲେ।

## ଅରବିନ୍ଦ କେଜରିୱାଲଙ୍କ ମାମଲାରୁ ନିଜକୁ ହଟାଇଲେ ଜଷ୍ଟିସ୍ ତେଜସ୍ କାରିଆ: ଅବମାନନା ଆବେଦନର ହେବ ଶୁଣାଣି

**ନୂଆଦିଲ୍ଲୀ(ଏଜେନ୍ସି):** ଆମ ଆଦମୀ ପାର୍ଟି (ଏପିପି) ନେତା ଅରବିନ୍ଦ କେଜରିୱାଲ, ମନୀଷ ସିସୋଦିଆ ଏବଂ ଅନ୍ୟମାନଙ୍କ ବିରୋଧରେ ଅବମାନନା ମାମଲା ଆରମ୍ଭ କରିବା ପାଇଁ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ବୁଧବାର ଦିଲ୍ଲୀ ହାଇକୋର୍ଟରେ କରାଯାଇଛି। ଏହି ମାମଲା ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ବିଚାରପତି ତେଜସ କାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ମୁଖରେ ତାଲିକାଭୁକ୍ତ କରାଯାଇଥିଲା। ବିଚାରପତି ତେଜସ କାରିଆ ଏହି ମାମଲାରୁ ନିଜକୁ ହଟାଇ ନେଇଥିବାରୁ ଗୁରୁବାର ଏହି ମାମଲାର ଶୁଣାଣି ଭିନ୍ନ ଖଣ୍ଡପୀଠରେ କରାଯିବ। ଆବେଦନରେ ଅଭିଯୋଗ କରାଯାଇଛି ଯେ, ଏହି ବ୍ୟକ୍ତିମାନେ ପୂର୍ବତନ



ମୁଖ୍ୟମନ୍ତ୍ରୀ କେଜରିୱାଲଙ୍କ ଆବେଦନ ଉପରେ କୋର୍ଟ ଶୁଣାଣିର ଭିଡିଓ ଅପଲୋଡ୍ ଏବଂ ସେୟାର କରିଥିଲେ ଯାହା ଦ୍ୱାରା ଉତ୍ପାଦ ନୀତି ମାମଲାରୁ ବିଚାରପତି ସ୍ୱର୍ଣ୍ଣ କାନ୍ତା ଶର୍ମାଙ୍କୁ ବାହାର କରିବା ପାଇଁ ଦାବି କରାଯାଇଥିଲା। ସିଂହ ତାଙ୍କ ପିଆଇଏଲରେ ଯୁକ୍ତି ରଖିଛନ୍ତି ଯେ, ସୋସିଆଲ ମିଡିଆରେ କୋର୍ଟ କାର୍ଯ୍ୟର ଅନଧିକୃତ ରେକର୍ଡିଂ ସେୟାର କରିବା ନ୍ୟାୟପାଳିକାର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରିପାରେ ଏବଂ ହାଇକୋର୍ଟ ନିୟମ ଅନୁଯାୟୀ ଏହା ମଧ୍ୟ ନିଷିଦ୍ଧ। ଆବେଦନରେ ଦାବି କରାଯାଇଛି ଯେ ଅନେକ ଏପିପି ନେତା ଏବଂ କଂଗ୍ରେସ ନେତା ଦିଗବିଜୟ ସିଂହଙ୍କ ପରି ଅନ୍ୟ ବିରୋଧୀ ଦଳର ସଦସ୍ୟମାନେ ଏକ ସୁଚିନ୍ତିତ ରଣନୀତିର ଅଂଶ ଭାବରେ ଏପ୍ରିଲ ୧୩ ତାରିଖରେ ଜଷ୍ଟିସ ଶର୍ମାଙ୍କ ସମ୍ମୁଖରେ ଅରବିନ୍ଦ କେଜରିୱାଲଙ୍କ ହାଜରର ଭିଡିଓ ରେକର୍ଡିଂ କରିଥିଲେ ଏବଂ ଜନସାଧାରଣଙ୍କ ଦୃଷ୍ଟିରେ କୋର୍ଟର ଛବିକୁ ଖରାପ କରିବା ଉଦ୍ଦେଶ୍ୟରେ ଏହାକୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପ୍ରସାରିତ କରିଥିଲେ। କେଜରିୱାଲ ଏବଂ ତାଙ୍କ ଦଳର ସଦସ୍ୟମାନେ ଏକ ଷଡ଼ଯନ୍ତ୍ର ରଚି କୋର୍ଟ କାର୍ଯ୍ୟକୁ ରେକର୍ଡ କରିବା ପାଇଁ ନିନ୍ଦନୀୟ କାର୍ଯ୍ୟ କରୁଥିବାର ଅଭିଯୋଗ କରି, ପିଆଇଏଲ୍ ଏହି ମାମଲାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍ଆଇଟି) ଗଠନ କରିବାକୁ ଦାବି କରିଛି। ଆବେଦନରେ ୧୩ ଏପ୍ରିଲ୍ ୨୦୨୬ ତାରିଖରେ କୋର୍ଟ କାର୍ଯ୍ୟର ରେକର୍ଡିଂ ଅପଲୋଡ୍, ପୁନଃପୋଷ୍ଟ କିମ୍ବା ଫରୱାର୍ଡ କରିଥିବା ସମସ୍ତ ପ୍ରତିପକ୍ଷଙ୍କ ବିରୋଧରେ ଅବମାନନା ମାମଲା ଆରମ୍ଭ କରିବାକୁ ଅନୁରୋଧ କରାଯାଇଛି। ପିଆଇଏଲ୍ରେ ସୋସିଆଲ ମିଡିଆରୁ ବିଷୟବସ୍ତୁକୁ ହଟାଇବା ପାଇଁ ମଧ୍ୟ ଦାବି କରାଯାଇଛି।

ନିଷ୍କର୍ଷ
NISHKARSHA

ସମ୍ପାଦକୀୟ

# କୋଣ ଅନୁକୋଣରେ ସଂବ୍ୟାପ୍ତ ଈଶ୍ୱରୀୟ ସତ୍ତା

ରାମସତ୍ତାଙ୍କ ଅସ୍ତିତ୍ୱ ଯେ ବିଶ୍ୱର କୋଣ ଅନୁକୋଣରେ ବିଦ୍ୟମାନ ଏକଥା ସମସ୍ତେ ସ୍ୱୀକାର କରନ୍ତି । ପ୍ରତ୍ୟକ୍ଷତଃ ଦୃଷ୍ଟିଗୋଚର ହେଉ ନଥିଲେ ସୁଦ୍ଧା ପରମାତ୍ମାଙ୍କର ଅସ୍ତିତ୍ୱ ଅନସ୍ୱୀକାର୍ଯ୍ୟ । ପରମାତ୍ମାଙ୍କ ସମ୍ବନ୍ଧରେ ଆମ ମନରେ ସତତ ଜାତ ହେଉଥିବା ଅନୁଭୂତି ଆମକୁ ଆସ୍ତିକ କରାଇଥାଏ । ଏହା ଆମର ସମସ୍ତ କ୍ରିୟାକଳାପ ଉପରେ ଏକ ନିଷ୍କଷ ନ୍ୟାୟାଧୀଶର ଦୃଷ୍ଟି ରଖି ଆମକୁ ସଦାସର୍ବଦା ତାଙ୍କର ବିଦ୍ୟମାନତାର ଆଭାସ ଦେଉଥାଏ । ଯଦି ଆମେ କୌଣସି ଦୃଶ୍ୟମାନ ପ୍ରତୀକକୁ ଦେଖି ପରମାତ୍ମାଙ୍କ ଉପରେ ବା ତାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ କରିବାକୁ ଚାହିଁବା ତେବେ ଐଶ୍ୱର୍ଯ୍ୟ ଓ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ବିଶାଳ ପ୍ରକୃତିର ପ୍ରତିଟି ଅଣୁ ପରମାଣୁରେ କେବଳ ଯେ ତାଙ୍କୁ ଦେଖିପାରିବା ତା' ନୁହେଁ, ତାଙ୍କୁ ପ୍ରତ୍ୟକ୍ଷ ରୂପେ ଅନୁଭବ ମଧ୍ୟ କରିପାରିବା । ଏଠାରେ ବ୍ୟବହୃତ ହୋଇଥିବା 'ଐଶ୍ୱର୍ଯ୍ୟ' ପଦରୁ 'ଈଶ୍ୱର' ଶବ୍ଦର ସୃଷ୍ଟି । ଯିଏ ସକଳ ବୈଭବର ଆକର, ଯାହାଙ୍କ କୀର୍ତ୍ତିରାଜି ସମଗ୍ର ବିଶ୍ୱବ୍ରହ୍ମାଣ୍ଡରେ ପରିବ୍ୟାପ୍ତ, ଯିଏ ସ୍ୱୟଂସମ୍ପୂର୍ଣ୍ଣ, ସକଳ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସେ ହିଁ ଈଶ୍ୱର । ଯଦି ଆମେ ତାଙ୍କର ଉପସ୍ଥିତି ଆମ ଚତୁଃପାର୍ଶ୍ୱରେ ଦେଖିବାକୁ ପ୍ରୟାସ କରିବା ତେବେ ଆମକୁ ସେହି ଈଶ୍ୱର ଦୃଷ୍ଟିଗୋଚର ହେବ ଯିଏ 'ଇକୋଲଜିକାଲ' ଭାରସାମ୍ୟ ରୂପରେ, ହିମାଚ୍ଛାଦିତ ବା ସବୁଜିମା ଶୋଭିତ ପର୍ବତ ଓ ନଦୀ ରୂପରେ, ବୃକ୍ଷଲତା ଓ ଜୀବଜନ୍ତୁ ରୂପରେ, ମାନବର ସମ୍ବେଦନା ଓ ଭାବନା ରୂପରେ ବିଦ୍ୟମାନ । ଭାରତୀୟ ସଂସ୍କୃତି ହେଉଛି ଦେବସଂସ୍କୃତି, ଅର୍ଥାତ୍ ଏହା ମନୁଷ୍ୟର ମୂଳସତ୍ତାକୁ ଦୈବିକ ମନେକରେ ଏବଂ ତାକୁ ଦିଗଭ୍ରାନ୍ତ ହେବାରୁ କ୍ଷାନ୍ତ କରି ନିରନ୍ତର ଦେବତ୍ୱର ମାର୍ଗରେ ଉନ୍ମୁଖ କରାଏ । ଭଗବାନ୍ ଦେବତ୍ୱର ସମର୍ଥକ । ତେଣୁ ସେ ସଦାବେଳେ ଦେବତ୍ୱର ସଖା, ସହାୟକ ଓ ପୃଷ୍ଠପୋଷକ ରହି ଆସିଛନ୍ତି କ୍ଷ ଆମର ଋଷିମୁନିଗଣ, ଦେବସଂସ୍କୃତିର ପ୍ରଣେତାଗଣ, ହିମାଚ୍ଛାଦିତ ପର୍ବତମାଳା ହିମବାନ୍ ଦେବାତ୍ମା ହିମାୟରୁ ସୃଷ୍ଟିର ଆବିର୍ଭାବ କଥା ବିଶ୍ୱାସ କରନ୍ତି ଏବଂ ସେହି ଗିରିରାଜକୁ ଏକ ସାମାନ୍ୟ ତୁଷାରାବୃତ ଶିଳାଖଣ୍ଡ ମାତ୍ର ମନେ ନକରି ଜୀବନ୍ତ ଭଗବତ୍ ସତ୍ତାର ଏକ ମୂର୍ତ୍ତିମନ୍ତ ପ୍ରତୀକ ମନେ କରନ୍ତି, ଯେଉଁଠାରୁ କି ଦିନେ ଦେବତ୍ୱ ଉଦୟ ହୋଇ ସମଗ୍ର ଆର୍ଯ୍ୟାବର୍ତ୍ତରେ ପ୍ରସାର ଲାଭ କରିଥିଲା ।

ବ୍ରହ୍ମାବର୍ତ୍ତ କୌଣସି ଏକ ସମୟରେ ଏହି ଭୂମିରେ ବିକଶିତ ହୋଇ ସମଗ୍ର ବିଶ୍ୱ-ବସୁନ୍ଧରାକୁ ବ୍ରହ୍ମାବର୍ତ୍ତ ରେ ପରିଣତ କରିଥିଲା । ପ୍ରକୃତିର କୋଣ ଅନୁକୋଣରେ ତ ଭଗବାନ୍ ଅଛନ୍ତି, ହେଲେ ହିମାଳୟର ଐଶ୍ୱର୍ଯ୍ୟଶାଳୀ ସତ୍ତା ଏବଂ ତହିଁରୁ ନିର୍ଗତ ତା'ର ହୃଦୟ ସଂବେଦନାର ନିର୍ଝରିଣୀ ଗଙ୍ଗା-ଯମୁନା ଭଳି ଚିରପ୍ରବହମାନ ସ୍ରୋତସ୍ୱିନୀର ପବିତ୍ର ବକ୍ଷରେ ତାଙ୍କର ଅସ୍ତିତ୍ୱକୁ ଆମେ ଅଧିକ ନିକଟରୁ ଦେଖି ପାରିବା । ତପଶକ୍ତିରେ ପରିପୂର୍ଣ୍ଣ ଏହି ଐଶ୍ୱର୍ଯ୍ୟଶାଳୀ ସୃଷ୍ଟିର ସୌନ୍ଦର୍ଯ୍ୟପୂର୍ଣ୍ଣ ରୂପରାଜିକୁ ସନ୍ଦର୍ଶନ କରିବାପରେ କିଏ ଅବା ଈଶ୍ୱରଙ୍କର ଅସ୍ତିତ୍ୱକୁ ଅସ୍ୱୀକାର କରିପାରିବ ?

* * *

## କବିତା ଗୁଚ୍ଛ

### ସତ ସଂକଳ୍ପ

ଭାରତ ସଂସ୍କୃତି ଶୁଦ୍ଧତା ଦିବ୍ୟତା
ସୁନ୍ଦର ତା ସମକ୍ଷହାର
ସତ ସଂକଳ୍ପ ଟି ଅଟଇ ତାହାର
ଜନ୍ମର ମୂଳାଧାର ।
ଏ ଦେଶେ ଜନମି ଧନ୍ୟ ମଣଇ
ଧନ୍ୟ ମାନବ ଜାତି
ହିଂସ୍ରତା ଛାଡି ସତ ସଂକଳ୍ପରେ
ସର୍ବଦା ହୁଅ ବ୍ରତି ।
ଏତେ ବଡ଼ ବିଶ୍ୱେ କ୍ଷୁଦ୍ରକ୍ଷତୀକ୍ଷୁଦ୍ର
ଅଟଇ ମୁଁ ଏକ ଜୀବ
କ୍ଷଣ ମାତ୍ର ଏହି ଜୀବନ ତରଙ୍ଗ
କିମ୍ବା କ୍ରୋଧ ଏହି ଦ୍ୱ ।
ସ୍ମଶାନ ରେ ଦେଖ ଜଳୁଅଛି ଜୁଇ
ସ୍ୱର୍ଗକୁ ଫିଟିଛି ଦ୍ୱାର
ଆମେ କାହିଁପାଇଁ ନିଷ୍ଠୁରତା ହୋଇ
ନରକେ କରିବା ଘର ।
ଜାଗ ଜାଗ ସର୍ବେ ହେ ବିଶ୍ୱ ବାସି
ନିଜର ଜୁଇ କୁ ଦେଖ
ପ୍ରେକ୍ଷା ଲୟେ ଯଥା ଚାଲୁଛି ସିନେମା
ସେ ଭିଡ଼ କୁ ଥରେ ଚାଖ ।
ମାତି ଉଠ ସର୍ବେ ସତ ସଂକଳ୍ପରେ
ଏକତା ବଜାୟ ରଖ
ଏକତା ର ସ୍ୱାଦ କେତେଯେ ମଧୁର
ତାକୁ ଥରେ ତୁମେ ଚାଖ ।
ହିଂସା ଲୋଭ ମୋହ ଠାରୁ ତ ଦୁରାଅ
ଧନୀ ଗରିବର ସ୍ଥାନ
ସେ ସ୍ମଶାନ ଭୂମି ସରବେ ଜଳିବେ
ଭସ୍ମ ରେ ହେବେ ଲୀନ ।
ଯୁଦ୍ଧକୁ ହଟାଅ ଶାନ୍ତି ଆଚରଣେ
ପବିତ୍ରତା ଆଣ ମନ
ଜାଗିଉଠ ସର୍ବେ, ସର୍ବେ ଭାଇ ଭାଇ
ସତ ସଂକଳ୍ପେ ରଖ ଧ୍ୟାନ ।



- ବିଷ୍ଣୁପ୍ରିୟା ପଣ୍ଡା
ପହଙ୍ଗା , ନିଆଳି, କଟକ

# ମାନବତାର ହୃଦୟସ୍ପର୍ଶୀ ଆହ୍ୱାନ : ଇରାନ-ଇସ୍ରାଏଲ ବିବାଦର ପ୍ରତିଫଳନ

ଯୁଦ୍ଧ ପ୍ରାୟତଃ ରାଜନୈତିକ ଯୁକ୍ତି, ସାମରିକ ରଣନୀତି ଏବଂ ପ୍ରଭାବଶାଳୀ ନେତାଙ୍କ ଉଚ୍ଚସ୍ୱର ଭାଷଣରୁ ଆରମ୍ଭ ହୁଏ । କିନ୍ତୁ ଏହା ସର୍ବଦା ସାଧାରଣ ଲୋକଙ୍କ ନୀରବ ଯନ୍ତ୍ରଣାରେ ଶେଷ ହୁଏ । ଇରାନ, ଇସ୍ରାଏଲ ଏବଂ ଯୁକ୍ତରାଷ୍ଟ୍ରକୁ ନେଇ ଚାଲିଥିବା ମୁକାବିଲା ଆଉ ଏକ ଯନ୍ତ୍ରଣାଦାୟକ ଅନୁସ୍ମାରକ ଯେ ରାଜ୍ୟଗୁଡ଼ିକ ମଧ୍ୟରେ ସଂଘର୍ଷ କ୍ୱଚିତ୍ କେବଳ ସରକାର କିମ୍ବା ସେନା ମଧ୍ୟରେ ସୀମିତ ରହିଥାଏ । ଅନେକ ସମୟରେ ଏହା ଘର, ସ୍କୁଲ ଏବଂ ରାସ୍ତାରେ ନିରୀହ ଜୀବନକୁ କ୍ଷତି ପହଞ୍ଚାଇଥାଏ । ଯେତେବେଳେ ବିଶ୍ୱ ବର୍ଦ୍ଧିତ ଭାବରେ ବିଭକ୍ତ ହେଉଥିବା ପରି ମନେହୁଏ, କେବଳ ଭୂରାଜନୀତି ବିଷୟରେ ନୁହେଁ ବରଂ ମାନବିକ ମର୍ଯ୍ୟାଦା, ନ୍ୟାୟ ଏବଂ ଶାନ୍ତିର ଜରୁରୀ ଆବଶ୍ୟକତା ବିଷୟରେ ମଧ୍ୟ କଥାବାର୍ତ୍ତା କରିବା ଗୁରୁତ୍ୱପୂର୍ଣ୍ଣ ।

ଇରାନ ବିରୁଦ୍ଧରେ ଯୁକ୍ତରାଷ୍ଟ୍ର ଏବଂ ଇସ୍ରାଏଲର ସାମ୍ପ୍ରତିକ ସାମରିକ କାର୍ଯ୍ୟାନୁଷ୍ଠାନକୁ ଅନ୍ତର୍ଜାତୀୟ ସ୍ତରରେ ଅନେକ କଡ଼ା ସମାଲୋଚନା କରିଛନ୍ତି ଯେଉଁମାନେ ବିଶ୍ୱାସ କରନ୍ତି ଯେ ଏପରି ଆକ୍ରମଣ ଅନ୍ତର୍ଜାତୀୟ ଆଇନର ଉଲଂଘନ କରିବା ସହିତ ଅଞ୍ଚଳରେ ଅସ୍ଥିରତା ବୃଦ୍ଧି କରୁଛି । କିଛି ୟୁରୋପୀୟ ନେତା ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଏପରି ଆକ୍ରମଣ ବିଶ୍ୱ ନିୟମକୁ 'ଶକ୍ତିର ନିୟମ' ସହିତ ବଦଳାଇବାର ବିପଦ ସୃଷ୍ଟି କରି ଜାତିସଂଘ ବ୍ୟବସ୍ଥାର ନୀତିକୁ ଦୁର୍ବଳ କରୁଛି । ସାଧାରଣ ନାଗରିକମାନେ ଏହାର ଶିକାର ହେବା ଅତ୍ୟନ୍ତ ହୃଦୟ ବିଦାରକ । ତଥ୍ୟ ଅନୁସାରେ ସମ୍ପ୍ରତି ଯୁଦ୍ଧ ସମୟରେ ଇରାନର ଏକ ସ୍କୁଲରେ ବିସ୍ଫୋରଣ ଅନେକ ପିଲାଙ୍କ ପ୍ରାଣ ନେଇଥିଲା, ଯାହା ଯୁଦ୍ଧ ଆଚରଣ ଏବଂ ସାଧାରଣ ନାଗରିକଙ୍କ ସୁରକ୍ଷା ଉପରେ ଏକ ଗମ୍ଭୀର ପ୍ରଶ୍ନ ଉଠାଇଛି । ଏହି ଘଟଣାଗୁଡ଼ିକ ଆମକୁ ମନେ ପକାଇ ଦିଏ ଯେ ଯେତେବେଳେ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ସାମରିକ ମୁକାବିଲାରେ ଲିପ୍ତ ହୁଅନ୍ତି, ସେତେବେଳେ କେବଳ ସୈନିକମାନେ କଷ୍ଟ ପାଆନ୍ତି ନାହିଁ । ପରିବାରଗୁଡ଼ିକ ପ୍ରିୟଜନଙ୍କୁ ହରାଇଥାନ୍ତି, ପିଲାମାନେ ସେମାନଙ୍କର ଭବିଷ୍ୟତ ହରାଇଥାନ୍ତି ଏବଂ ସମାଜଗୁଡ଼ିକ ଏପରି କ୍ଷତି ସହିଥାଏ ଯେ ଯାହାର ସୁଧାର ପାଇଁ ପିଢ଼ି ପରେ ପିଢ଼ି ଲାଗିଥାଏ । ସାମରିକ ଆକ୍ରମଣ, ବିଶେଷକରି ଯେତେବେଳେ ଭୂରାଜନୈତିକ ପ୍ରତିଦ୍ୱନ୍ଦିତା କିମ୍ବା ରଣନୈତିକ ସ୍ୱାର୍ଥ ଦ୍ୱାରା ପରିଚାଳିତ ହୁଏ, କ୍ୱଚିତ୍ ଅନ୍ତର୍ନିହିତ ସମସ୍ୟାର ସମାଧାନ ହୋଇଥାଏ । ବରଂ ଏହା କ୍ରୋଧକୁ ଗଭୀର କରି ଦେଶ ଏବଂ ଲୋକଙ୍କ ମଧ୍ୟରେ ଅବିଶ୍ୱାସର ମଞ୍ଜି ବୁଣିଥାଏ । ତେଣୁ ବିଶ୍ୱବ୍ୟାପୀ ସମାଲୋଚକମାନେ ସଂଘର୍ଷକୁ ବୃଦ୍ଧି କରିବାରେ ଶକ୍ତିଶାଳୀ ରାଷ୍ଟ୍ର, ବିଶେଷକରି ଯୁକ୍ତରାଷ୍ଟ୍ରର ସମ୍ପୃକ୍ତିକୁ ନିନ୍ଦା କରିଛନ୍ତି । ଅନେକ ବିଶ୍ୱାସ କରନ୍ତି ଯେ ଏପରି ହସ୍ତକ୍ଷେପ କ୍ଷମତା ରାଜନୀତିର ଏକ ଧାରା ପ୍ରତିଫଳିତ କରେ ଯେଉଁଠାରେ ମାନବ ଜୀବନ ଉପରେ ରଣନୈତିକ ପ୍ରାଧାନ୍ୟକୁ ପ୍ରାଥମିକତା ଦିଆଯାଏ । ଯେତେବେଳେ ଶକ୍ତିଶାଳୀ ଦେଶଗୁଡ଼ିକ ଆଲୋଚନା ପରିବର୍ତ୍ତେ ଯୁଦ୍ଧକୁ ପ୍ରାଥମିକତା ଦିଅନ୍ତି, ସେମାନେ ବିଶ୍ୱକୁ ଏହି ବାର୍ତ୍ତା ଦିଅନ୍ତି ଯେ ନ୍ୟାୟ ଅପେକ୍ଷା ଶକ୍ତି ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଧାରଣା ଅସନ୍ତୋଷକୁ ଇନ୍ଧନ ଯୋଗାଏ ଏବଂ ସବୁ ପକ୍ଷରେ ଚରମପନ୍ଥୀଙ୍କ କାହାଣୀକୁ ଅଧିକ ଦୃଢ଼ କରିଥାଏ । ତଥାପି ସାମରିକ ଆକ୍ରମଣ ବିରୁଦ୍ଧରେ କହିବାର ଅର୍ଥ ମାନେ ନୁହେଁ ଯେ ନିଜ ଦେଶ ମଧ୍ୟରେ ଦମନକାରୀ ସରକାରମାନଙ୍କ ଦ୍ୱାରା ହେଉଥିବା ଦୁଃଖଦ ଘଟଣାକୁ ଅଣଦେଖା କରିବା । ନିଜର ନାଗରିକମାନଙ୍କ ପ୍ରତି ବିଶେଷକରି ମହିଳା, କର୍ମୀ ଏବଂ ସଂଖ୍ୟାଲଘୁଙ୍କ ପ୍ରତି ବ୍ୟବହାର ପାଇଁ ଇରାନ ଶାସନ ବ୍ୟବସ୍ଥା କଡ଼ା ସମାଲୋଚନାର ସମ୍ମୁଖୀନ ହୋଇଛି । ଗତ କିଛି ବର୍ଷ ଧରି ଅନ୍ତର୍ଜାତୀୟ ମାନବାଧିକାର ସଂଗଠନଗୁଡ଼ିକ ଇରାନ ଭିତରେ ବ୍ୟାପକ ଦମନକୁ ଦସ୍ତାବିଜ କରିଛନ୍ତି । ପୋଲିସ ହେପାଜତରେ ମହସା ଆମିନୀ ନାମକ ଜଣେ ଯୁବତୀଙ୍କ ମୃତ୍ୟୁ ପରେ ଆରମ୍ଭ ହୋଇଥିବା ପ୍ରତିବାଦ ଆନ୍ଦୋଳନଗୁଡ଼ିକ ହିଂସାତ୍ମକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଥିଲା ଯାହାର ଫଳସ୍ୱରୂପ ଶହ ଶହ ଲୋକଙ୍କ ମୃତ୍ୟୁ ଏବଂ ବ୍ୟାପକ ଗିରଫଦାରୀ ହୋଇଥିଲା । ଇରାନରେ ମହିଳାମାନଙ୍କ ସ୍ଥିତି ବିଶେଷ ଭାବରେ ଚିନ୍ତାଜନକ ରହିଛି । ମାନବାଧିକାର ସଂଗଠନଗୁଡ଼ିକର ତଥ୍ୟ ସୂଚିତ କରୁଛି ଯେ, କର୍ତ୍ତୃପକ୍ଷ ବାଧ୍ୟତାମୂଳକ ହିଜାବ ନିୟମ ଭଳି ପକ୍ଷପାତ ପୂର୍ଣ୍ଣ ଆଇନ ଲାଗୁ କରୁଛନ୍ତି ଏବଂ ଏହି କଟକଣାକୁ ଚ୍ୟାଲେଞ୍ଜ କରୁଥିବା ମହିଳାମାନଙ୍କୁ ଦଣ୍ଡ ଦେଉଛନ୍ତି । ମହିଳା ଅଧିକାର କର୍ମୀମାନେ ସମାନତା ଏବଂ ବ୍ୟକ୍ତିଗତ ସ୍ୱାଧୀନତା ଦାବି କରିବା ପାଇଁ ଗିରଫ, ପଚରାଉଚରା ଏବଂ କଠୋର ଦଣ୍ଡର ସମ୍ମୁଖୀନ ହୋଇଛନ୍ତି । ଏହା ବ୍ୟତୀତ ଇରାନକୁ ଏହାର ବ୍ୟାପକ ମାନବାଧିକାର ରେକର୍ଡ ପାଇଁ ସମାଲୋଚନା କରାଯାଇଛି, ଯେଉଁଥିରେ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ କଟକଣା, ଭିନ୍ନମତବାଦୀଙ୍କ ଗଣ ବନ୍ଦୀତ୍ୱ ଏବଂ ବହୁ ସଂଖ୍ୟକ ମୃତ୍ୟୁଦଣ୍ଡ ଅନ୍ତର୍ଭୁକ୍ତ । ଅନ୍ତର୍ଜାତୀୟ ପର୍ଯ୍ୟବେକ୍ଷକମାନେ ଉଲ୍ଲେଖ କରିଛନ୍ତି ଯେ ନିର୍ଯାତନା, ମନମୁଖୀ କାରାଦଣ୍ଡ ଏବଂ ସଂଖ୍ୟାଲଘୁଙ୍କ ଉପରେ ନିର୍ଯାତନା ଏକ ସ୍ଥାୟୀ ସମସ୍ୟା ହୋଇରହିଛି । ଏହି ବାସ୍ତବତାଗୁଡ଼ିକ ଏକ କଷ୍ଟକର ନୈତିକ ଦୃଶ୍ୟପଟ ସୃଷ୍ଟି କରୁଛି । ଗୋଟିଏ ପଟେ ବିଦେଶୀ ସାମରିକ ଆକ୍ରମଣ, ପୂର୍ବରୁ ଆର୍ଥିକ କଷ୍ଟ ଏବଂ ରାଜନୈତିକ ଦମନ ସହିତ ସଂଘର୍ଷ କରୁଥିବା ସାଧାରଣ ଇରାନ ନାଗରିକଙ୍କ ପାଇଁ ବିନାଶ ଏବଂ ଯନ୍ତ୍ରଣା ଆଣିଥିବାବେଳେ ଅନ୍ୟପକ୍ଷରେ ଇରାନ ଶାସନର ଆଭ୍ୟନ୍ତରୀଣ ନୀତିଗୁଡ଼ିକ ନିଜ ଲୋକଙ୍କ ସ୍ୱାଧୀନତା ଏବଂ ମର୍ଯ୍ୟାଦାକୁ ସୀମିତ କରିଚାଲିଛି । ନ୍ୟାୟ ପାଇଁ ଉଭୟ ସତ୍ୟକୁ ସ୍ୱୀକାର କରିବାର ସାହସ ରହିବା ଆବଶ୍ୟକ ।

ଇରାନର ଲୋକମାନେ ବୈଦେଶିକ ଆକ୍ରମଣ କିମ୍ବା ଆଭ୍ୟନ୍ତରୀଣ ଦମନ ପରିବର୍ତ୍ତେ ଶାନ୍ତି ଏବଂ ମର୍ଯ୍ୟାଦା ପାଇବାକୁ ଯୋଗ୍ୟ । ସାଧାରଣ ଇରାନୀ ନାଗରିକ, ତେହେରାନର ଜଣେ ମା, ଇସଫାହାନର ଜଣେ ଛାତ୍ର କିମ୍ବା ଗ୍ରାମାଞ୍ଚଳର ଜଣେ ଚାଷୀ ହେଉ ; ସେ ବିଶ୍ୱ ମୁକାବିଲା ଚାହେଁନା । ଅଧିକାଂଶ ଲୋକ କେବଳ ସୁରକ୍ଷା, ସ୍ୱାଧୀନତା ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ ଏକ ଭଲ ଭବିଷ୍ୟତ ଚାହାଁନ୍ତି । ଯେତେବେଳେ ରାଜନୈତିକ ନେତାମାନେ ଶତ୍ରୁତାରେ ଲିପ୍ତ ହୁଅନ୍ତି, ଏହି ସାଧାରଣ ବ୍ୟକ୍ତିମାନେ ଏହାର ମୂଲ୍ୟ ଦିଅନ୍ତି । ଇତିହାସ ଆମକୁ ଶିଖାଏ ଯେ ହିଂସା ବହୁତ କମ୍ ସ୍ଥାୟୀ ସମାଧାନ ସୃଷ୍ଟି କରେ । ଯୁଦ୍ଧ ସହରଗୁଡ଼ିକୁ ଧ୍ୱଂସ କରିପାରେ କିନ୍ତୁ ସେମାନେ ଅଭିଯୋଗଗୁଡ଼ିକୁ ଲିଭାଇ ପାରନ୍ତି ନାହିଁ । ସାମରିକ ଶକ୍ତି ସ୍ୱରଗୁଡ଼ିକୁ ଅସ୍ଥାୟୀ ଭାବରେ ନୀରବ କରିପାରେ କିନ୍ତୁ ଏହା ବିଶ୍ୱାସ କିମ୍ବା ସମାଧାନ ସୃଷ୍ଟି କରିପାରିବ ନାହିଁ । ପ୍ରକୃତ ପରିବର୍ତ୍ତନ ଆଲୋଚନା, ଧୈର୍ଯ୍ୟ ଏବଂ ନୈତିକ ସାହସରୁ ଆସେ । ଏହା ସେତେବେଳେ ଆସେ ଯେତେବେଳେ ସମାଜଗୁଡ଼ିକ ଶାନ୍ତିପୂର୍ଣ୍ଣ ଭାବରେ ଅନ୍ୟାୟର ମୁକାବିଲା କରନ୍ତି ଏବଂ ଯେତେବେଳେ ରାଷ୍ଟ୍ରଗୁଡ଼ିକ ଆଧିପତ୍ୟ ବଦଳରେ କୂଟନୀତି ବାଛନ୍ତି । ବିଶ୍ୱ ଉତ୍ତେଜନାର ସମୟରେ, ଜନମତ ଧ୍ରୁବୀୟ ହେବା ସହଜ । କିଛି ଲୋକ ସୁରକ୍ଷା ନାମରେ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକର କାର୍ଯ୍ୟକୁ ସମର୍ଥନ କରିପାରନ୍ତି, ଯେତେବେଳେ ଅନ୍ୟମାନେ ଶାସନ ବ୍ୟବସ୍ଥାକୁ ରୋମାଣ୍ଟିକ କରନ୍ତି କାରଣ ସେମାନେ ପାଶ୍ଚାତ୍ୟ ପ୍ରଭାବକୁ ବିରୋଧ କରନ୍ତି । ଉଭୟ ସ୍ଥିତି ଗଭୀର ମାନବୀୟ ବାସ୍ତବତାକୁ ଅଣଦେଖା କରିପାରନ୍ତି । ନ୍ୟାୟ ଚୟନୀ ହୋଇପାରିବ ନାହିଁ । ଦମନକୁ ଅଣଦେଖା କରି ଯୁଦ୍ଧ ଅପରାଧକୁ ନିନ୍ଦା କରାଯାଇପାରିବ ନାହିଁ, କିମ୍ବା ବିନାଶକାରୀ ସାମରିକ ହସ୍ତକ୍ଷେପକୁ ସମର୍ଥନ କରି ମାନବାଧାକାର ଉଲଂଘନର ସମାଲୋଚନା କରାଯାଇପାରିବ ନାହିଁ । ଏକ ପ୍ରକୃତ ମାନବିକ ଆଭିମୁଖ୍ୟ ପାଇଁ ସନ୍ତୁଳନ ଏବଂ କରୁଣା ଆବଶ୍ୟକ । ଏହାର ଅର୍ଥ ହେଉଛି ସାଧାରଣ ନାଗରିକଙ୍କୁ ହତ୍ୟା କରୁଥିବା ଆକ୍ରମଣକୁ ନିନ୍ଦା କରିବା ସହିତ ନିଜ ଲୋକଙ୍କ ସ୍ୱାଧୀନତାକୁ ଦମନ କରୁଥିବା ସରକାର ବିରୁଦ୍ଧରେ ମଧ୍ୟ କଥାବାର୍ତ୍ତା କରିବା । ଏହାର ଅର୍ଥ ହେଉଛି ନ୍ୟାୟ ପାଇଁ ସଂଘର୍ଷକୁ ରାଜନୈତିକ ଲାଭ ପାଇଁ ବ୍ୟବହାର କରାଯିବା ଉଚିତ୍ ନୁହେଁ ବୋଲି ସ୍ୱୀକାର କରିବା । ଦକ୍ଷିଣ ଏସିଆ ଏବଂ ମଧ୍ୟପ୍ରାଚ୍ୟର ସମ୍ପ୍ରଦାୟ ସମେତ ବିଶ୍ୱର ବିଭିନ୍ନ ସମାଜ ପାଇଁ ଏହି ଶିକ୍ଷା ସ୍ପଷ୍ଟ ଯେ ଶାନ୍ତି ହିଁ ସର୍ବୋଚ୍ଚ ଲକ୍ଷ୍ୟ ରହିବା ଉଚିତ । ଧାର୍ମିକ ପରମ୍ପରା, ନୈତିକ ଦର୍ଶନ ଏବଂ ଅନ୍ତର୍ଜାତୀୟ ଆଇନ ସବୁ ମାନବ ଜୀବନର ମୂଲ୍ୟ ଉପରେ ଗୁରୁତ୍ୱ ଦିଏ । କୌଣସି ବିଚାରଧାରା, କୌଣସି ରଣନୈତିକ ସ୍ୱାର୍ଥ ଏବଂ କୌଣସି ରାଜନୈତିକ ମହତ୍ତ୍ୱାକାଂକ୍ଷା ନିରୀହ ଲୋକଙ୍କ ଦୁଃଖକୁ ପଛରେ ପକାଇବା ଉଚିତ୍ ନୁହେଁ । ସଂଘର୍ଷ ସମୟରେ ଧୈର୍ଯ୍ୟ ମଧ୍ୟ ଅତ୍ୟାବଶ୍ୟକ । କ୍ରୋଧ ଏବଂ ପ୍ରତିଶୋଧ ପ୍ରାୟତଃ ସମାଜକୁ ଆହୁରି ହିଂସା ଆଡ଼କୁ ଠେଲିଦିଏ । ତଥାପି ଧୈର୍ଯ୍ୟ, ଆଲୋଚନା ଏବଂ ସମାଧାନ ପାଇଁ ସ୍ଥାନ ପ୍ରଦାନ କରେ । ଏହା ଲୋକମାନଙ୍କୁ ମନେ ପକାଇ ଦିଏ ଯେ ଶାନ୍ତିପୂର୍ଣ୍ଣ ଉପାୟରେ ପ୍ରାପ୍ତ ନ୍ୟାୟ ଯୁଦ୍ଧ ମାଧ୍ୟମରେ ଲାଗୁ ହୋଇଥିବା ନ୍ୟାୟ ଅପେକ୍ଷା ଅଧିକ ଶକ୍ତିଶାଳୀ ଏବଂ ସ୍ଥାୟୀ । ତେଣୁ ଆଗକୁ ଯିବା ପାଇଁ କୂଟନୀତି, ଦାୟିତ୍ୱ ଏବଂ ମାନବିକ ମର୍ଯ୍ୟାଦା ଉପରେ ଧ୍ୟାନ କେନ୍ଦ୍ରିତ ହେବା ଉଚିତ । ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକୁ ନୀତିର ଏକ ଉପକରଣ ଭାବରେ ସାମରିକ ଶକ୍ତି ବ୍ୟବହାର ଉପରେ ପୁନର୍ବିଚାର କରିବା ଉଚିତ । ଇରାନ ଭଳି ସରକାରମାନଙ୍କୁ ସେମାନଙ୍କ ନିଜ ନାଗରିକଙ୍କ ସ୍ୱର ଶୁଣିବା ଉଚିତ ଏବଂ ମୌଳିକ ଅଧିକାର, ବିଶେଷକରି ମହିଳା ଏବଂ ସଂଖ୍ୟାଲଘୁଙ୍କ ଅଧିକାରକୁ ସମ୍ମାନ କରିବା ଉଚିତ । ଏହା ସହିତ, ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ ଭୂରାଜନୈତିକ ପ୍ରତିଯୋଗିତା ଅପେକ୍ଷା ମାନବିକ ମୂଲ୍ୟବୋଧକୁ ପ୍ରାଥମିକତା ଦେବା ଉଚିତ । ଶେଷରେ, ଇରାନ-ଇସ୍ରାଏଲ ବିବାଦ କେବଳ ଏକ ରାଜନୈତିକ ପ୍ରସଙ୍ଗ ନୁହେଁ; ଏହା ଏକ ମାନବିକ ଦୁଃଖଦ ଘଟଣା । ପ୍ରତ୍ୟେକ ଶିରୋନାମା ପଛରେ ସେମାନଙ୍କ ପ୍ରିୟଜନଙ୍କ ପାଇଁ ଶୋକ କରୁଥିବା ପରିବାର, ଭୟରେ ବଢୁଥିବା ପିଲା ଏବଂ ସେମାନଙ୍କ ଜୀବନ ପୁନଃନିର୍ମାଣ ପାଇଁ ସଂଘର୍ଷ କରୁଥିବା ସମ୍ପ୍ରଦାୟ ରହିଛି । ଯଦି ବିଶ୍ୱ ପ୍ରକୃତରେ ଇତିହାସରୁ ଶିକ୍ଷା ନେବାକୁ ଚାହେଁ ତେବେ ଏହାକୁ ଶତ୍ରୁତାର ଚକ୍ରରୁ ଆଗକୁ ବଢ଼ିବାକୁ ପଡିବ । ଯେକୌଣସି ସଂଘର୍ଷରେ ସବୁଠାରୁ ବଡ଼ ବିଜୟ ଶତ୍ରୁର ପରାଜୟ ନୁହେଁ ବରଂ ଶାନ୍ତିର ପୁନଃସ୍ଥାପନ । କେବଳ ଧୈର୍ଯ୍ୟ, କରୁଣା ଏବଂ ଆନ୍ତରିକ ଆଲୋଚନା ମାଧ୍ୟମରେ ମାନବଜାତି ଯୁଦ୍ଧର ଛାୟାରୁ ଦୂରେଇ ଯାଇ ଏକ ଏଭଳି ଭବିଷ୍ୟତ ଆଡକୁ ଅଗ୍ରସର ହୋଇପାରିବ ଯେଉଁଠାରେ ସମସ୍ତଙ୍କୁ ମର୍ଯ୍ୟାଦା ଏବଂ ନ୍ୟାୟ ପ୍ରଦାନ କରିବାର ଅବସର ମିଳିବ ।

*

- ଇନସା ଓ୍ୱାରସୀ
ଫ୍ରାଙ୍କଫୋନ ଏଣ୍ଡ ଜର୍ନାଲିଜମ୍ ଷ୍ଟଡିଜ୍
ଜାମିଆ ମିଲିଆ ଇସଲାମିଆ

# ଶେଷ ଇଚ୍ଛା

ମହାମାରୀ କରୋନାର ଦ୍ୱିତୀୟ ଲହରୀ ତା'ର କାୟା ବିସ୍ତାର କରି ଆଗକୁ ଅଗ୍ରସର ହେଉଥାଏ । ଶୁଣାଗଲାଣି ତୃତୀୟ ଲହରୀ ପୁଣି ଆସିବ । ବଡ ବିଚିତ୍ର ପରିସ୍ଥିତି । ନାନା ସମ୍ଭାବନା ଆଉ ନକାରାତ୍ମକ ଭାବନା ଭିତରେ ମଣିଷ ଜୀବନ ଆଉଟୁ ପାଉଟୁ, ଏଥିରୁ କେବେ ମୁକ୍ତି ମିଳିବ କେଜାଣି । ଗୋଟିଏ ଅଣୁଜୀବ ପାଖରେ ନିଜକୁ ବିଜ୍ଞାନୀ ବୋଲାଉଥିବା ମଣିଷ କେଡେ ଅସହାୟ ସତରେ । ପାହାଡ ପରି ଦୁଃଖ ଆଉ ଶୋକ, ବ୍ୟଥା ଆଉ ଚିନ୍ତା । ହେତୁ ପାଇବା ଦିନରୁ ମହାମାରୀକୁ ସମ୍ନା କରିନଥିବା ସୂର୍ଯ୍ୟକାନ୍ତବାବୁଙ୍କୁ ଅସହାୟବୋଧ ବଡ ବିବ୍ରତ କରୁଥାଏ । ନିଜର ଜ୍ଞାତି, ପରିଜନ ଓ ଆତ୍ମୀୟ ସ୍ୱଜନମାନେ ମହାମାରୀରେର ଆକ୍ରାନ୍ତ ହେବା ସହିତ କେତେକଙ୍କ ଜୀବନ ହାନୀ ସୂର୍ଯ୍ୟକାନ୍ତ ବାବୁଙ୍କର ନିଦ ହଜାଇ ଦେଇଛି । ରାତିରେ ଆଉ ନିଦ ହେଉନାହିଁ ତାଙ୍କୁ । ଦେହରେ ସାମାନ୍ୟ ଜ୍ୱର ଓ ଘୋଳାବିନ୍ଧା ଲକ୍ଷଣକୁ କରୋନା ଭାବି ଅସ୍ଥିରତା ତାଙ୍କର ବଢିଯାଇଛି । ଏକ ପ୍ରକାର ଭୟ ମନରେ ଦାନା ବାନ୍ଧୁଛି । ଘରୁ ବାହାରକୁ ବାହାରୁ ନାହାନ୍ତି ସେ । ମୁହଁରେ ତୁଣ୍ଡି ବାନ୍ଧି ସବୁବେଳେ ଖାଲି ବସୁଛନ୍ତି । ଡବଲ ତୁଣ୍ଡି ବାନ୍ଧି ନିଶ୍ୱାସ ପ୍ରଶ୍ୱାସରେ ଅସୁବିଧା ହେଉଥିଲେ ବି, କିଛି ଉପାୟ ନାହିଁ । ଅଫିସ ବନ୍ଦ । ସଂକ୍ରମଣ ଭୟରେ ଖବରକାଗଜ ବନ୍ଦ । କ୍ଷୀର ପ୍ୟାକେଟ୍ ଆଉ ପରିବା ସବୁ ଧୁଆହୋଇ ରହୁଛି । ଟଙ୍କା ସାନିଟାଇଜ୍ ହେଉଛି । କି କଥା ଇଏ । ଏକ ପ୍ରକାର ତ୍ରାହି ତ୍ରାହି ଡାକିଲେଣି ସୂର୍ଯ୍ୟକାନ୍ତବାବୁ । କେତେ ବସିବେ ଘରଟାରେ । ସକାଳ ପରେ ସଞ୍ଜ, ରାତି ପାହି ପୁଣି ସକାଳ । ଏହାରି ଭିତରେ ବିତୁଛି ଜୀବନ ମୁହୂର୍ତ୍ତ ମୁହୂର୍ତ୍ତକୁ ଭିନ୍ନ । ସଙ୍କଟରେ ଜନ ଏବଂ ତା'ର ପ୍ରାଣ । କେତେବେଳେ କାହା ପାଳି କିଏ ଜାଣେ । କେଉଁ ମୁହୂର୍ତ୍ତରେ ଜୀବନ ପ୍ରଦୀପ ଲିଭିଯିବ । ମଣିଷ ଜନ୍ମ ଠାରୁ ପ୍ରତି କ୍ଷଣରେ ମରୁଥିଲେ ବି ମୃତ୍ୟୁକୁ କିନ୍ତୁ ତା'ର ଭାରି ଭୟ ଏବଂ ବଡ ଚମତ୍କାର ଏହି ମୃତ୍ୟୁର ଭୟ । ସୂର୍ଯ୍ୟକାନ୍ତ ବାବୁଙ୍କର ଏଥିପ୍ରତି ଭୟ ଅତିମାତ୍ରାରେ । ପ୍ରାଧ୍ୟାପକ ସୂର୍ଯ୍ୟକାନ୍ତ ଦାଶ ଏକ ଘରୋଇ କଲେଜରେ ଚାକିରୀ କରନ୍ତି । ଅଳ୍ପଦିନ ହେବ ପଦୋନ୍ନତି ପାଇ ଅଧ୍ୟାପକରୁ ପ୍ରାଧ୍ୟାପକ ହୋଇଛନ୍ତି । ଅବସର ନେବା ପାଇଁ ଚାକିରୀରୁ ଆଉ ୫ବର୍ଷ ବାକି ଅଛି । ଡେଙ୍ଗା ହୋଇ ୬ ଫୁଟର ଏକ ଲମ୍ବ ମଣିଷ । ବଳିଷ୍ଠ ବ୍ୟକ୍ତିତ୍ୱ ସହିତ ସୁନ୍ଦର ଚେହେରା । ମାର୍ଜିତ ପରିପାଟୀ ଓ ଯୁବ ସୁଲଭ ଗୁଣ । ଚେହେରାରେ ପ୍ରୌଢତ୍ୱ ସ୍ପଷ୍ଟ ବାରି ହେଉଥିଲେ ବି ସବୁବେଳେ ନିଜକୁ ଯୁବକ ବୋଲି ଭାବିଥାନ୍ତି । ତେଣୁକରି ତାଙ୍କ କଲେଜରେ ସେ ସବୁକ୍ଷେତ୍ରରେ ଅଗ୍ରଣି । ଟଙ୍କା ପଇସାରେ ତାଙ୍କର କେବେ ଅଭାବ ନାହିଁ । ଆଗରୁ ଯାହା ଟିକେ ଅଭାବ ଥିଲା ଏବେ ସେ କଥା ଆଉ ନାହିଁ । ସର୍ବୋପରି ଏକ ସ୍ୱଚ୍ଛନ୍ଦ ଜୀବନ ଜୀଉଁଛନ୍ତି ସେ । କଟକ ସହରରେ ଗୋଟିଏ ୩ମହଲା ଘର କରିଛନ୍ତି । ପୁଅ ଏବେ ବମ୍ବେରେ ପଢୁଛି । ଝିଅ ତା' ଚାକିରୀ ଜାଗାରେ । ସ୍ତ୍ରୀ ସୁରୁଚିଙ୍କ ସହିତ ସୂର୍ଯ୍ୟକାନ୍ତବାବୁ କଟକରେ ରୁହନ୍ତି । ଏବେ କରୋନା କାଳରେ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଦେଶସାରା ସବୁ ଜାଗାରେ । ତେଣୁ କରି ପୁଅ ଝିଅ ଘରକୁ ଆସିଛନ୍ତି । କରୋନା ଯାହା ତ ନାକେଦମ୍ କରୁଛି କିନ୍ତୁ ପରିବାର ସହିତ ସମୟ କାଟିବାରେ ସୁଯୋଗଟିଏ ଦେଇଛି । ଘରେ କୋଳାହଳରେ ସମୟ ବିତୁଛି । ସୁରୁଚି ରୁଚିକର ଖାଦ୍ୟ ପ୍ରସ୍ତୁତ କରି ସମସ୍ତଙ୍କୁ ଆପ୍ୟାୟିତ କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କର ଯତ୍ନ ବି ନେଉଛନ୍ତି । ତାଙ୍କର ଏହି କେତେଦିନ ହେବ ଗୋଡ ଆଉ ତଳେ ଲାଗୁନାହିଁ । କାମଧନ୍ଦାରେ ସବୁବେଳେ ବ୍ୟସ୍ତ ରହୁଛନ୍ତି । ସୁରୁଚିଙ୍କର ଆନନ୍ଦର ସୀମା ନାହିଁ କିନ୍ତୁ ସୂର୍ଯ୍ୟକାନ୍ତ ବାବୁ ଖାଲି ବସି ବସି ଖାଉଛନ୍ତି । ସେ ମୋଟା ହୋଇଗଲେଣି । ଅଣ୍ଟାରେ ଟିକେ ଯନ୍ତ୍ରଣା ବାହାରି ଗୋଡଟା ଫାଲେ ଧରିଛି । ଦେହ ହାତ ବିନ୍ଧୁଛି । ଚଲା ବୁଲା ଅଭ୍ୟାସ କମି ଗଲାଣି । କରୋନାରେ ତ ଘରୁ ବାହାରି ହେଉନାହିଁ । ସୂର୍ଯ୍ୟକାନ୍ତ ବାବୁ କିନ୍ତୁ ଏହି ବିନ୍ଧାବିନ୍ଧିକୁ ସହଜରେ ଗ୍ରହଣ କରିପାରୁନାହାନ୍ତି । ସେ ଏହାକୁ କରୋନାର ଲକ୍ଷଣ ବୋଲି ଭାବୁଛନ୍ତି । ସବୁବେଳେ ଭାବୁଛନ୍ତି ସେ କରୋନାରେ ସଂକ୍ରମିତ । କାହାକୁ କିଛି କହି ପାରୁନାହାନ୍ତି । ମନେ ମନେ ନିଜେ ଖାଲି ଭୟଭୀତ ହେଉଛନ୍ତି । ମାନସିକ ସ୍ତରରେ ଦୁର୍ବଳ ଲାଗୁଛନ୍ତି । ପାଟି ଶୁଖି ଯାଉଛି । ଶରୀର ଦୁର୍ବଳ ଲାଗିବା ସହିତ ଧଇଁସଇଁ ଲାଗୁଛି । ସାମାନ୍ୟ କାଶ ଛିଙ୍କ କରୋନା ସନ୍ଦେହକୁ ଅଧିକ ଦୃଢ଼ିଭୂତ କରୁଛି । କେଉଁଥିରେ ମନ ଲାଗୁନାହିଁ । କ'ଣ କରିବେ ଭାବିପାରୁ ନାହାନ୍ତି ସେ । ଦିନେ କାହାକୁ କିଛି ନକହି ସ୍କୁଟି ଧରି ଘରୁ ବାହାରି ଗଲେ ସୁରୁଚି ଓ ପିଲାମାନଙ୍କ ଅଗୋଚରରେ । ପହଞ୍ଚିଗଲେ ଯାଇ କଟକ ବଡ ମେଡିକଲରେ କରୋନା ଟେଷ୍ଟ କରିବା ପାଇଁ । ସେଠାରେ ଟେଷ୍ଟ ପାଇଁ ଲୋକଙ୍କର ଲମ୍ବା ଧାଡି ଲାଗିଛି । ବଡ ଅଜବ ଦୃଶ୍ୟ । ପରିବେଶ ଓ ପରିସ୍ଥିତି ଯାହା କରୋନା ସଂକ୍ରମଣ ନହେଉଥିଲେ ସେହିଠାରେ ହିଁ ସଂକ୍ରମିତ ହେବା ଥୟ । ସେ ଆଉ କରୋନା ପରୀକ୍ଷା କରିବେ କ'ଣ ସେଠାରୁ ଶୀଘ୍ର ପଳାୟନ କରିବା ଶ୍ରେୟସ୍କର ବୋଲି ଭାବି ଘରକୁ ଲେଉଟି ଆସିଲେ । ପ୍ରଚଣ୍ଡ ଖରା ସାଙ୍ଗକୁ କରୋନା ଭୟରେ ମୁହଁଟି ହତାସରେ ପୁରା ଶୁଖିଯାଇଥାଏ ଉଦାସିଆ ଜହ୍ନ ପରି । ସୁରୁଚି ପାଣି ଗ୍ଲାସେ ହାତକୁ ବଢାଇ ଦେଇ କହିଲେ, କୁଆଡେ ଯାଇଥିଲ କି ? ନାହିଁ ମ ଘରେ ବସି ବସି ବୋର୍ ହେଲିଣିତ ବଜାର ଆଡେ ଟିକେ ଚାଲିଯାଇଥିଲି । 'ଲକ୍‌ଡାଉନ୍' ଅଛି ବୋଲି ମାଲୁମ୍ ନାହିଁ କି ? ପୁଲିସ କେଉଁଠି ବାଡେଇନାହିଁ ତ ! ସୁରୁଚି ଚଢା ଗଳାରେ ପୁଣି କହିଲେ । 'ଦେଖ ମୁଁ ଗୋଟପରି ସୁରକ୍ଷିତ ଅଛି, ମୋଟେ ଅସୁବିଧା ହୋଇନାହିଁ' ସୂର୍ଯ୍ୟକାନ୍ତବାବୁ ଉତ୍ତର ଦେଲେ । ହେଉ ଯାଅ, ହାତ ମୁହଁ ଧୋଇ ସାନିଟାଇଜ୍ ହୋଇଯାଅ । ହେଇଟି ଶୁଣ, ଛାତିଟା ଧାଉଁ ଧାଉଁ ହେଉଛି । ଅକ୍ସିମିଟରଟା ଟିକେ ଆଣିଲ ସୂର୍ଯ୍ୟକାନ୍ତବାବୁ ବରାଦ କଲେ । ପଲ୍ସ ରେଟ୍ ସହିତ ଅକ୍ସିଜେନ୍ ଲେବୁଲ୍ ସଙ୍ଗେ ସଙ୍ଗେ ମାପି ପକାଇଲେ ସୂର୍ଯ୍ୟକାନ୍ତ ବାବୁ । ନା' କାଲି ଠାରୁ କମ୍ ଅଛି କହି ସୂର୍ଯ୍ୟକାନ୍ତବାବୁ ନିଜକୁ ବୁଝାଇଦେଲେ । କିନ୍ତୁ ମନ ବୁଝୁନଥାଏ । ମଧ୍ୟାହ୍ନର ସୂର୍ଯ୍ୟ ମୁଣ୍ଡ ଉପରେ ଦିକି ଦିକି କରୁଥାଏ । ପ୍ରଚଣ୍ଡ ଖରାରେ ଉତପ୍ତ କଟକ ସହର ଧୂସରିତ ଦେଖାଯାଉଥାଏ । ଗରମ ଝାଞ୍ଜି ପବନରେ ଦେହହାତ ଜଳି ଯାଉଛି । ଖଣ୍ଡିଆ ଭୂତଟିଏ ରାସ୍ତାରେ ଧୂଳି ଉଡାଇ ଯାଉଁ ଯାଉଁ ସୂର୍ଯ୍ୟକାନ୍ତ ବାବୁଙ୍କ ମୁଣ୍ଡରେ ସବାର ହୋଇଗଲା । ପୁଣି ସେହିକଥା ତାଙ୍କୁ କରୋନା ହୋଇନାହିଁ ତ ! ଭୟ ଓ ଆଶଙ୍କା ମଣିଷ ମୁଣ୍ଡରେ ଯେବେ ବସା କରେ ତାହା ମଣିଷକୁ ନାରଖାର କରିଦିଏ । ମଣିଷର ବୁଦ୍ଧି ବିବେକ ବାଟବଣା ହୁଏ । ସେ ଯେତେ ଶିକ୍ଷିତ ଓ ସ୍ଥିତ ପ୍ରଜ୍ଞ ହୋଇଥିଲେ ବି ତା'ର ବ୍ୟବହାର ନକାରାତ୍ମକ ହୋଇଥାଏ । ନାନା ଚିନ୍ତା ତାକୁ ଗ୍ରାସ କରେ । ମାନସିକସ୍ତରରେ ସେ ଦୁର୍ବଳ ହୋଇଯାଏ । ଶରୀରରେ ଘୁଣିପୋକ ଲାଗିଯାଏ । କ୍ରମେ ତା'ର ଶୀତଳତା ଆସେ । ତାହାହିଁ ସୂର୍ଯ୍ୟକାନ୍ତ ବାବୁଙ୍କର ରୋଗ । ଏ ରୋଗର ପଥି କେବଳ ପ୍ରେମ ଓ ସକାରାତ୍ମକ ଭାବନା ଭିତରେ ଥାଏ । କରୋନା ଘନଘଟା ଭିତରେ ପୁଣି ସୁରୁଚିଙ୍କର ଶେଷ ଇଚ୍ଛା କ'ଣ ହୋଇପାରେ ? ଏହା ସୂର୍ଯ୍ୟକାନ୍ତ ବାବୁଙ୍କୁ ଯେତିକି ବିବ୍ରତ କରୁଥିଲା ସେତିକି ଆଶ୍ଚର୍ଯ୍ୟ ମଧ୍ୟ କରୁଥିଲା । ସୁରୁଚିଙ୍କର ଶେଷ ଇଚ୍ଛା ତାଙ୍କର କାଳ ହେବନାହିଁ ତ ! ସେ ସୁରୁଚିଙ୍କର ସବୁ ଇଚ୍ଛାକୁ ଆଜି ପର୍ଯ୍ୟନ୍ତ ପ୍ରାଧାନ୍ୟ ଦେଇ ଆସିଛନ୍ତି । ତାଙ୍କ ସହିତ ଦେଶରେ ବହୁ ଜାଗା ଭ୍ରମଣ କରିଛନ୍ତି । ଗତବର୍ଷ ସେମାନେ ୟୁରୋପ୍ ଟୁର୍‌ରେ ମଧ୍ୟ ଯାଇଥିଲେ । ସୁରୁଚିଙ୍କର ଟଙ୍କା ଠାରୁ ସୁନା ପର୍ଯ୍ୟନ୍ତ କେଉଁଥିରେ ଅଭାବ ନାହିଁ । କଟକରେ ଥିବା ଘରଟି ମଧ୍ୟ ସୁରୁଚିଙ୍କ ନାମରେ । କହିବାକୁ ଗଲେ ସୁରୁଚି ଏକ ପାରୁର୍ଯ୍ୟ ଭରା ଦାମ୍ପତ୍ୟ ଜୀବନ ଜୀଉଁଛନ୍ତି । ସୁରୁଚିଙ୍କ ସହଯୋଗରେ ତାଙ୍କ ସଂସାର ରଥ ଆଗକୁ ଗଡୁଛି । ଖାଲି ଯାହା ପୁଅ ଝିଅଙ୍କର ବାହାଘର ବାକି ଅଛି । ବାହାଘର ବେଳ ତ ଏବେ ହୋଇନାହିଁ । ଆଉ ତେବେ ସୁରୁଚିଙ୍କର ଇଚ୍ଛା କ'ଣ ରହିଲା ? କିଛି ବୁଝି ପଡୁନାହିଁ । ସୁରୁଚି ସର୍ବୋପରି ଏକ ସଫଳ ନାରୀ । ସୂର୍ଯ୍ୟକାନ୍ତ ବାବୁ କେଉଁଥିରେ ତାଙ୍କର କିଛି ଊଣା କରିନାହାନ୍ତି । ନାରୀ ମାୟା ଅଗୋଚର । କ'ଣ ହୋଇପାରେ ତେବେ ସୁରୁଚିଙ୍କର ଇଚ୍ଛା ? ସୂର୍ଯ୍ୟକାନ୍ତ ବାବୁଙ୍କୁ ଏହା ପୁଣି ସଂକଟରେ ପକାଇଲା । ସହଜେ କରୋନା ଭୟ, ତା' ଭିତରେ ଆଉ ଗୋଟେ ସଂକଟ । ତାଙ୍କର ଚିନ୍ତାକୁ ବହୁଗୁଣ କରିଦେଲା । ତାଙ୍କ ଉପରେ ଚାପଟା ଅତ୍ୟଧିକ ମନେ ହୋଇ ଡବଲ ଡୋଜ୍ ଟୀକାକୁ ବଳିଗଲା । ଚିନ୍ତାଗ୍ରସ୍ତ-ଚାପଗ୍ରସ୍ତ ମଣିଷର ବାହ୍ୟ ଆଚରଣଟା ସହଜ ଓ ସୁନ୍ଦର ହୋଇଥିଲେ ବି ଅନ୍ତରର ଜ୍ୱଳନ ଭିନ୍ନପ୍ରକାର ହୋଇଥାଏ । ସେମାନଙ୍କୁ କଳନା କରାଯାଇନପାରେ । କେତେବେଳେ କ'ଣ ଦୁର୍ଘଟଣା ଘଟାଇବେ ଭାବିବା ମୁସ୍କିଲ୍ । ରାତିରେ ଖାଇ ପିଇ ସୂର୍ଯ୍ୟକାନ୍ତ ବାବୁ ସୁରୁଚିଙ୍କ ସହିତ ଶୋଇଲେ । ବିଛଣାରେ ପଡୁ ପଡୁ ସୁରୁଚି ନିଘୋଡ ନିଦରେ ଶୋଇଗଲେଣି । କିନ୍ତୁ ସୂର୍ଯ୍ୟକାନ୍ତ ବାବୁଙ୍କୁ ନିଦ ନାହିଁ । ସେ ତ କେଉଁ ଭାବନା ରାଜ୍ୟରେ ବିଚରଣ କରୁଛନ୍ତି । ସୁରୁଚିଙ୍କର ଶେଷ ଇଚ୍ଛାଟା କ'ଣ ହୋଇପାରେ ? ଏଇ ଗୋଟିଏ ପ୍ରଶ୍ନ ଖାଲି ତାଙ୍କୁ ବାରମ୍ବାର ଆନ୍ଦୋଳିତ କରୁଅଛି । ଆଖି ବନ୍ଦ କରି ଶୋଇବାକୁ ଯେତେ ଚେଷ୍ଟା କଲେବି ସେ ଶୋଇ ପାରୁନାହାନ୍ତି । ଏକ ଭୟଙ୍କର ଚାପରେ ପଡି ହନ୍ତସନ୍ତ ହେଉଛନ୍ତି । ଯନ୍ତ୍ରଣାରେ ଛଟପଟ ହୋଇ ଖାଲି ଉଠ୍‌ପଡ ହେଉଛନ୍ତି । ବନ୍ଦ କୋଠରୀ ଭିତରେ ଏ.ସି. ଚାଲୁଥିଲେବି ତାଙ୍କୁ ଗରମ ଲାଗୁଛି । ନିଶ୍ୱାସ ନେବାରେ ଅସୁବିଧା ହେଉଛି । ସୁରୁଚିଙ୍କୁ ଡାକିବେ କି ନାହିଁ । ନା ସୁରୁଚି ବିଚରା ଶୋଇଥାନ୍ତୁ । ଚୁପ୍‌କିନା କବାଟ ଖୋଲି ସୂର୍ଯ୍ୟକାନ୍ତବାବୁ ବାଲ୍‌କୋନୀକୁ ଚାଲିଆସିଲେ । ବାହାରେ କଟକ ସହର କିଟି ମିଟି ଅନ୍ଧକାର ମଧ୍ୟରେ ଶୋଇ ଯାଇଥାଏ । ନିୟନ ଲାଇଟ୍‌ର କ୍ଷୀଣ ଆଲୋକରେ ଖାଲି ଅଟ୍ଟାଳିକା ଗୁଡିକ ଛିଡା ହୋଇଥାନ୍ତି ଭୂତପରି । ଏତିକି ବେଳେ ସେ ନେପାଳି ଟୋକାର ହୁଇସିଲ୍ ବାଜିବା ସହିତ ଠକ୍ ଠକ୍ ଶବ୍ଦ ଶୁଣାଗଲା । ବୁଲା କୁକୁର ଗୁଡାକ ଏକ ସ୍ୱରରେ ଭୁକିବା ଆରମ୍ଭ କଲେ । ସୂର୍ଯ୍ୟକାନ୍ତବାବୁ ହଠାତ୍ ବିରକ୍ତିରେ ଗର୍ଜୀ ଉଠିଲେ । ଶଳା ନେପାଳୀ ଦିନେ ହୁଇସଲ୍ ବଜାଇ ଦେଇ କାଲି ସକାଳେ ଚାଲିଆସିବ ପଇସା ମାଗିବାକୁ । କହିବ କ'ଣ ନା ମୁଁ କଲୋନୀ ଜଗୁଛି । ପାହାନ୍ତା ପ୍ରହରର ଶୁକ୍ର ତାରାଟା ପଶ୍ଚିମ ଆକାଶରେ ମିଟି ମଟି କରୁଥିଲା । ରେଳ ଧାରଣାରେ ମାଲ୍ ବାହୀ ଗାଡିଟିଏ ବିକଟ ଶବ୍ଦ କରି ଚାଲିଗଲା । କିଛି ସମୟପରେ ନିରବତା ସମ୍ପୂର୍ଣ୍ଣ ଛାଇଗଲା । ସୂର୍ଯ୍ୟକାନ୍ତବାବୁ ବାହାରେ ପଡିଥିବା ଚେୟାର୍‌ରେ କିଛି ସମୟ ବସିବାକୁ ଚେଷ୍ଟା କଲେ । ଅନିଦ୍ରା ଜନିତ କ୍ଳାନ୍ତିରେ ପୁଣି ଗୋଡ ହାତ ବିନ୍ଧିବାକୁ ଲାଗିଲା । ଛାତି ଧଡପଡ ହେଲା । ଏହାତ କରୋନାର ଲକ୍ଷଣ । ତେବେ କ'ଣ ସିଏ କରୋନାରେ ଆକ୍ରାନ୍ତ ! ସେ କରୋନାର ୨ଟି ଯାକ ଟୀକା ନେଇ ସାରଛନ୍ତି । କରେନା ତାଙ୍କୁ କାହିଁକି ହେବ । ମନକୁ ଯେତେ ବୁଝାଇବାକୁ ଚେଷ୍ଟା କଲେବି ମନ ବୁଝୁନାହିଁ । ଏତିକି ବେଳେ ସାନଭାଇ 'ନନା' ବୋଲି ଡାକିବାରୁ ସୂର୍ଯ୍ୟକାନ୍ତ ବାବୁ ସମ୍ବିତ ଫେରିପାଇଲେ । ୨ଭାଇ ଚଉଁରା ଉପରେ ଯାଇ ବସିଲେ ଓ ଦୁଃଖ ସୁଖ ହେଲେ । ସୂର୍ଯ୍ୟକାନ୍ତ ବାବୁଙ୍କର ୧୫ଦିନ ଗାଁରେ ହସ ଖୁସିରେ କଟିଲା, ଗ୍ରାମ୍ୟ ପରିବେଶ ତାଙ୍କୁ ବଡ ଶାନ୍ତି ଲାଗିଲା । ସେ ଟିକେ ମାନସିକସ୍ତରରେ ସୁସ୍ଥ ଅନୁଭବ କଲେ । ପ୍ରସ୍ତାବଟା ମନ୍ଦ ନୁହେଁ । ଆଜି ସମୟ ଆସିଛି ମଣିଷକୁ ପ୍ରକୃତି କୋଳକୁ ଫେରିବାକୁ ପଡିବ । ପ୍ରକୃତିର ଉପାସନା ନିହାତି ଜରୁରୀ ହୋଇପଡିଛି । ସମସ୍ତେ ବୃକ୍ଷରୋପଣରେ ରୁଚି ରଖିଥିବା ସୁରୁଚିଙ୍କ ପରି ପ୍ରକୃତି ପ୍ରେମୀ ହେବା ପ୍ରାସଙ୍ଗିକ ମନେହୁଏ । ମଣିଷ ଯଦି ପ୍ରକୃତିର ରକ୍ଷା କବଚ ନହେବ ତା'ର ଜୀବନ ଦୁର୍ବିସହ ହୋଇଯିବ । ମାନବ ସଭ୍ୟତା ଧ୍ୱଂସ ହୋଇଯିବ ପ୍ରକୃତିର କୋପାନଳରେ । ସୂର୍ଯ୍ୟକାନ୍ତବାବୁ ତାଙ୍କ ସାଙ୍ଗ ଶୁଭକାନ୍ତକୁ ଫୋନ୍ କଲେ । ଶୁଭକାନ୍ତ ଦାରିଙ୍ଗବାଡିରେ ଡି.ଏଫ୍.ଓ ଅଛନ୍ତି । ସେଠାରେ ଏକମାସ ସସ୍ତୀକ ରହିବା ପାଇଁ ବନ୍ଦୋବସ୍ତ କରାଇଲେ । କରୋନା କଟକଣା ସେତେବେଳକୁ ଉଠି ଗଲାଣି । ସୂର୍ଯ୍ୟକାନ୍ତ ବାବୁଙ୍କୁର କଲେଜ କେବେ ଖୋଲିବ ଜଣାନାହିଁ । ଏଇଟା ସୁବର୍ଣ୍ଣ ସୁଯୋଗ ଭାବି ସୂର୍ଯ୍ୟକାନ୍ତ ବାବୁ ସୁରୁଚିଙ୍କ ସହିତ ଦାରିଙ୍ଗ୍‌ବାଡି ଯାତ୍ରା ଅବିଳମ୍ବେ କଲେ । ଦାରିଙ୍ଗ୍‌ବାଡିର ସୁସ୍ଥ ଜଳବାୟୁ, ପ୍ରକୃତିପ୍ରିୟ ସୁରୁଚିଙ୍କୁ ବେଶ୍ ସୁହାଇଲା । ତାଙ୍କର ଆନନ୍ଦର ସୀମା ନାହିଁ । ସେ ଖାଲି ମୁକ୍ତ ବିହଙ୍ଗ ପରି ଏଠି ସେଠି ଘୁରି ବୁଲିଲେ । ଶାନ୍ତ, ସ୍ନିଗ୍ଧ ଓ ଶିତଳ ପରିବେଶ ସୂର୍ଯ୍ୟକାନ୍ତ ବାବୁଙ୍କୁ ରୋମାଞ୍ଚିତ କରୁଥିଲା । ସେ କ୍ରମେ ମାନସିକସ୍ତରରେ ସୁସ୍ଥ ଅନୁଭବ କଲେ । ଆଉ ମୁଣ୍ଡରେ ଥିବା କରୋନା ଭୂତଟି ଆପଣାଛାଏଁ ଅପସରି ଯାଉଥିଲା ।

*

- ରବିନାରାୟଣ ଦାଶ
ସଂସ୍କୃତି ଭବନ, ଦଶରଥପୁର
ମୋ - ୯୧୭୮୭୪୪୫୭୮




ବିଶ୍ୱ ମ୍ୟାଲେରିଆ ସପ୍ତାହ

# ଜିଲ୍ଲାସ୍ତରୀୟ ମ୍ୟାଲେରିଆ ନିରାକରଣ ପାଇଁ ଆନ୍ତଃ ସମନ୍ୱୟ କମିଟି

**ବାରିପଦା(ଏନ୍.ଏମ୍.) :** ଜିଲ୍ଲାସ୍ତରୀୟ ମ୍ୟାଲେରିଆ ନିରାକରଣ ପାଇଁ ଆନ୍ତଃ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ ସହରାଞ୍ଚଳରେ ନାଳ ସଫା, କୀଟନାଶକ ସିଞ୍ଚନ ସମେତ ସମସ୍ତ ଅଞ୍ଚଳର ଜନସାଧାରଣମାନଙ୍କ ମଧ୍ୟରେ ମଶାରୀ ବ୍ୟବହାର କରିବା ପାଇଁ ସଚେତନତା ଅଭିଯାନ କରିବାକୁ ନିଜ ଅଭିଭାଷଣରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ଜିଲ୍ଲାପାଳ ଶ୍ରୀ ସୟ୍ ଘର ଘର ବୁଲି ସମସ୍ତ ଜ୍ୱର ରୋଗୀଙ୍କୁ ମ୍ୟାଲେରିଆ ରକ୍ତ ପରୀକ୍ଷା କରିବା, ଶୋଇଲା ବେଳେ ମଶାରୀ ଟାଙ୍ଗି ଶୋଇବା, ଏବଂ ପ୍ରତ୍ୟେକ ମ୍ୟାଲେରିଆ ରୋଗୀଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ପ୍ରଦାନ କରିବା ପାଇଁ ତୃଣମୂଳସ୍ତରରେ ନିୟୋଜିତ ସ୍ୱାସ୍ଥ୍ୟ କର୍ମୀ ଠୁ ଆରମ୍ଭ କରି ମେଡିକାଲ ଟିମ୍ ସମସ୍ତେ ଦଳ ଭିତ୍ତିକ କାର୍ଯ୍ୟ କରିବାକୁ ନିଜ ଅଭିଭାଷଣରେ ମତପ୍ରକାଶ କରିଥିଲେ । ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱନାଥ ଦାସ ଯଥାଶୀଘ୍ର ରୋଗ ଚିହ୍ନଟ କରି ସମ୍ପୂର୍ଣ୍ଣ ଚିକିତ୍ସା କରିବା କରିବା ସହିତ ପରୀକ୍ଷାଗାର ଟେକ୍ନିସିଆନମାନେ ଉଚିତ୍ ସମୟରେ ରକ୍ତ କାଚରେ ମାଇକ୍ରୋସ୍କୋପି ସହାୟତାରେ ପରୀକ୍ଷା ସୁନିଶ୍ଚିତ କରିବା ପାଇଁ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ଦାସ ସମସ୍ତେ ମଶାରୀ ବ୍ୟବହାରକୁ ସୁନିଶ୍ଚିତ କରିବା, ମ୍ୟାଲେରିଆ ରୋଗୀର ରକ୍ତ ପରୀକ୍ଷା ପ୍ରତି ଯତ୍ନବାନ ହେବାକୁ ନିଜ ବକ୍ତବ୍ୟ ମାଧ୍ୟମରେ ଆହ୍ୱାନ କରିଥିଲେ । ଏହି ସଭା ଅବସରରେ ତଥା ବିଶ୍ୱ ମ୍ୟାଲେରିଆ ଦିବସ ସପ୍ତାହ ପାଳନ ଉପଲକ୍ଷେ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ମିଳିତ ଭାବେ ମ୍ୟାଲେରିଆ ରୋଗ ବିରୋଧରେ ଲଢିବା ନିମନ୍ତେ ଶପଥ ପାଠ କରିଥିଲେ । ଉକ୍ତ ସଭାରେ ଜିଲା ଭେକ୍ଟୋର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ପାୱାର ପଏଣ୍ଟ ପ୍ରେଜେନଟେସନ ମାଧ୍ୟମରେ ଜିଲ୍ଲାର ମ୍ୟାଲେରିଆ ଓ ଡେଙ୍ଗୁର ସ୍ଥିତି ଏବଂ ମ୍ୟାଲେରିଆ ଏବଂ ଡେଙ୍ଗୁର ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ଡିନ୍ ଡା. ବ୍ରଜକିଶୋର ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସକ ଡା. ଶଶୀକାନ୍ତ ସେଠି, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା. ସୁନନ୍ଦା ମିଶ୍ର, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡା. ଶାନ୍ତନୁ କୁମାର ଦାସ, ଜିଲା ସାମାଜିକ ମଙ୍ଗଳ ଅଧିକାରୀ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁର୍ଦ୍ଧର ମୁର୍ମୁ, ସମସ୍ତ ଅଧିକ୍ଷକ ଉପଖଣ୍ଡ ଅଞ୍ଚଳ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧୀକ୍ଷକ ସିଡ଼ିପିଓ ପ୍ରମୁଖ ଉପସ୍ଥିତ ଥିଲେ ।




ପ୍ଲଟ୍ ବ୍ୟବସାୟୀ ସୁଧୀର ହତ୍ୟା ଘଟଣା

# ପୁତୁରା ଓ ଝିଆରୀଙ୍କ ସମେତ ୯ ଗିରଫ

**ବ୍ରହ୍ମପୁର(ଏନ୍.ଏମ୍.):** ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ଘଟଣାରେ ସୁଧୀରଙ୍କ ସମ୍ପର୍କୀୟ ତଥା ସତ୍ୟନାରାୟଣପୁର ଗ୍ରାମର ତୁଷାର କୁମାର ପାତ୍ର ଓ ତୁଷାରଙ୍କ ଭଉଣୀ ନିବେଦିତା ପାତ୍ର, ଆଶିଷ ମହାପାତ୍ର, ଗୋଳାବନ୍ଧର ନାରାୟଣ ପ୍ରଧାନ, ଗାଙ୍ଗପୁର ଥାନା କାଳିଆଗୁଡ଼ ଅଞ୍ଚଳର କାଳୁଚରଣ ପ୍ରଧାନ, ହିଂଜିଳିଥାନା ଅଞ୍ଚଳର ଶୁଭମ ନାୟକ, ଶୁଭମ ଗୌଡ଼ ଓ ଜିତୁନ୍ ପଲେଇ ଆଦି ୮ଜଣଙ୍କୁ ପୁଲିସ ଗିରଫ କରିଥିବାବେଳେ ଏକାଧିକଙ୍କୁ ଜେରା କରୁଥିବା ଜଣାପଡିଛି । ଗିରଫ ସଂଖ୍ୟା ଆହୁରି ବୃଦ୍ଧି ହେବ ବୋଲି ପୁଲିସ ସୂତ୍ରରୁ ଜଣାପଡିଛି । ତେବେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ସହ ସେମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଦନ୍ତ କରାଯିବ । ପୁଲିସ ପ୍ରାୟ ୧୯ଜଣଙ୍କୁ ଜେରା କରିଥିବା ବେଳେ କେତେ ଜଣ ଗିରଫ ହେବେ ତାହା ପରବର୍ତ୍ତୀ ସମୟରେ ପୁଲିସ ପକ୍ଷରୁ ସୂଚନା ଦିଆଯିବ ।




# ୧୦ ଦଫା ଦାବି ନେଇ ଅବସର ପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି



**ବାରିପଦା (ଏନ୍.ଏମ୍.):** ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ମହାସଂଘର ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକ ଶାଖା ପକ୍ଷରୁ ଖୁଣ୍ଟାସ୍ଥିତ ପୁରୁଣାପାଣି ପ୍ରାଥମିକ ବିଦ୍ୟାଳୟ ପରିସରରେ ଦାବି ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ୧୦ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା । ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭାପତି ପ୍ରତାପ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ହରିଶ ଚନ୍ଦ୍ର ପାତ୍ର, ଉପସଭାପତି ଶରତ ଚନ୍ଦ୍ର ଉପାଧ୍ୟାୟ , କୋଷାଧ୍ୟକ୍ଷ ଶତିଶ ଚନ୍ଦ୍ର ପରିଡ଼ା, ଗଙ୍ଗାଧର ଭୋଇ ପ୍ରମୁଖ ଯୋଗ ଦେଇ ଅବସର ଗ୍ରହଣ କରିବା ପରେ ଶିକ୍ଷକ ମାନେ ବିଭିନ୍ନ ସମସ୍ୟା ଦେଇ ଗତି କରି ଆସୁଛନ୍ତି । ଏହାର ସମାଧାନ ପାଇଁ ସଂଘ ପକ୍ଷରୁ ବାରମ୍ବାର ଦାବି କରାଯାଉ ଥିଲେ ମଧ୍ୟ ଏଥିପ୍ରତି ସରକାରଙ୍କ ଉଦାସୀନତାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ । ମୁଖ୍ୟତଃ ଅବସର ଶିକ୍ଷକମାନଙ୍କୁ ଚିକିତ୍ସା ଭତ୍ତା ପ୍ରଦାନ, ପେନସନ ଅଭିଯୋଗ ବିଭାଗ ପୁନଃ ସ୍ଥାପନ, ରେଳ ଓ ବସ ଯାତ୍ରାରେ ରିହାତି, କୋରନା ସମୟର ୧୮ ମାସର ମହଙ୍ଗା ଭତ୍ତା ପ୍ରଦାନ, ଏନପିଏସ ବଦଳରେ ଓପିଏସ୍ ଲାଗୁ, ୬୦ ବର୍ଷ ପରେ ଅତିରିକ୍ତ ପେନସନ ପ୍ରଦାନ ଏବଂ କେନ୍ଦ୍ର ସରକାରଙ୍କ ଭେଲିଡ଼େସନ ବିଲ (୨୦୨୫)କୁ ପ୍ରତ୍ୟାହାର ଇତ୍ୟାଦି ୧୦ ଦଫା ଦାବି କରାଯାଇ , ଏ ସଂକ୍ରାନ୍ତୀୟ ଏକ ଦାବି ପତ୍ର ଉଭୟ ବ୍ଲକର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇ ଥିବା ସଂଘର ସଭାପତି ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଉଭୟ ବ୍ଲକରୁ ବହୁ ସଂଖ୍ୟାକ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ ।

# ଜିଲ୍ଲାସ୍ତରୀୟ କର୍ମଶାଳା 'ଆସ ଜାଣିବା ଆମ ବଜେଟ'

**ନୟାଗଡ (ଏନ୍.ଏମ୍.):** 'ଆସ ଜାଣିବା ଆମ ବଜେଟ' ଉପରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ସୃଜନ ସମ୍ମିଳନୀ କକ୍ଷରେ ଦିବା ୧୧ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଖଣ୍ଡପଡ଼ା ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ, ଜିଲ୍ଲାପାଳ ମଧୁମିତା ରଥ ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ଇଂ. ଦେବାଶିଷ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ପଞ୍ଚାୟତ ଅଧିକାରୀ ଝାଡେଶ୍ୱର ଦାସ ଏବଂ ବିଶେଷଜ୍ଞ ଭାବେ ଅଟୋନମସ କଲେଜର ଅଧ୍ୟାପକ(ଅର୍ଥନୀତି) ଆଶୁତୋଷ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । କର୍ମଶାଳାର ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶୁଭାରମ୍ଭ କରାଯାଇଥିଲା । ଏହି କର୍ମଶାଳାର ପ୍ରାରମ୍ଭରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ପ୍ରାରମ୍ଭିକ ଭାଷଣ ରଖିଥିଲେ । ଅଟୋନମସ କଲେଜର ଅଧ୍ୟାପକ ଆଶୁତୋଷ ମିଶ୍ର ୨୦୨୬-୨୭ରେ ବଜେଟ ଉପରେ ପ୍ରକାଶିତ ସମସ୍ତ ତଥ୍ୟକୁ ସୁନ୍ଦର ଭାବେ ଉପସ୍ଥାପନା କରିଥିଲେ, ଯଥା - ଓଡ଼ିଶା ପାଇଁ କେନ୍ଦ୍ରୀୟ ବଜେଟରେ ରେଲୱେ ପ୍ରୋଜେକ୍ଟ ପାଇଁ ୧୦୯୨୮କୋଟି ଟଙ୍କା ଆବଣ୍ଟନ ହୋଇଛି ଯାହା ଓଡିଶା ରାଜ୍ୟର ଭିତ୍ତିଭୂମି ଏବଂ ଶିଳ୍ପର ଅଭିବୃଦ୍ଧି ଦିଗରେ ସହାୟକ ହେବ । ବାର୍ଷିକ ବଜେଟ ୨୦୨୬-୨୭ ର କେନ୍ଦ୍ରବିନ୍ଦୁ ହେଉଛି ଗରିବ, ଯୁବ, ଅନ୍ନଦାତା ଏବଂ ନାରୀଶକ୍ତି (GYAN) । ଏହି ବଜେଟ ବିକଶିତ ଓଡିଶା ପାଇଁ ଭିଜନ-୨୦୩୬ ଏବଂ ୨୦୪୭ କୁ ସାକାର କରିବା ଦିଗରେ ଏକ ଦୃଢ ଏବଂ ସଂକଳ୍ପ ବଦ୍ଧ ପଦକ୍ଷେପ । ଏହି ବଜେଟ ପୂର୍ବ-ପଶ୍ଚିମ ମାଲବାହି କରିଡର ଲୋଜିଷ୍ଟିକ ବ୍ୟବସ୍ଥାକୁ ସୁଧାରିବ ଏବଂ ଶିଳ୍ପ କ୍ଲଷ୍ଟରକୁ ପ୍ରମୁଖ ବଜାର ସହ ଯୋଡିବ । ଜାତୀୟ ଜଳପଥ -୫ ର ବିକାଶ ତାଳଚେର, ଅନୁଗୁଳ, ପାରାଦ୍ୱୀପ ଏବଂ ଧାମରା ମଧ୍ୟରେ ଆନ୍ତରିକ ଜଳ ପରିବହନକୁ ସୁଦୃଢ କରିବ ଏବଂ ବନ୍ଦର ଆଧାରିତ ଉନ୍ନତି କୁ ସମର୍ଥନ କରିବ । ଗରିବ ମାନଙ୍କ ପାଇଁ ମଧୁବାବୁ ପେନସନ ଯୋଜନା / ବାର୍ଦ୍ଧକ୍ୟ ଭତ୍ତା/ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା / ଆଦିବାସୀ ମାନଙ୍କ ପାଇଁ ଧରିତ୍ରୀ ଆବା ଜନଜାତିୟ ଗ୍ରାମ ଉତକର୍ଷ ଅଭିଯାନ/ ଜନ ଆଶ୍ରୟ ଭବନ/ ଅନ୍ତ୍ୟୋଦୟ ଗୃହ ଯୋଜନା/ ବସୁଧା ଯୋଜନା ଆଦି ଏହି ବଜେଟରେ ସାମିଲ କରାଯାଇଛି । ସେହିପରି ଯୁବବର୍ଗଙ୍କ ପାଇଁ ଖେଳ/ ଶିକ୍ଷା ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ/ ଗୋଦାବରୀଶ ମିଶ୍ର ମୋଡେଲ ସ୍କୁଲ ପ୍ରୋଗ୍ରାମ/ ଭି ଭି ଜି ରା ମ ଜି ଯୋଜନା/ ଡାଲଖାଇ ସ୍କିମ ଆଦି ଯୋଜନା ଏହି ବଜେଟରେ ସାମିଲ କରାଯାଇଛି । ଅନ୍ନଦାତାଙ୍କ ପାଇଁ ସମୃଦ୍ଧ କୃଷକ ଯୋଜନା / ସି ଏମ କିଷାନ ଯୋଜନା/ ଶ୍ରୀ ଅନ୍ନ ଅଭିଯାନ ଆଦି ଯୋଜନା ଏହି ବଜେଟ ରେ ଅନ୍ତର୍ଭୁକ୍ତ କରାଯାଇଛି କ୍ଷ ସେହିପରି ନାରୀ ମାନଙ୍କ ପାଇଁ ସୁଭଦ୍ରା ଯୋଜନା / ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା / ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୃଷ୍ଟି ଯୋଜନା/ ସମୃଦ୍ଧ ଅଙ୍ଗନବାଡି ଯୋଜନା / ମମତା ଯୋଜନା /ପି ଏମ ପୋଷଣ ଯୋଜନା/ ମିଶନ ଶକ୍ତି ଆଦି ଯୋଜନା ଏହି ବଜେଟରେ ସାମିଲ କରାଯାଇଛି । ବିଶେଷ କରି ନୟାଗଡ଼ ଜିଲ୍ଲା ପାଇଁ ଏକ ଓଡିଶା ଫାର୍ମା ପାର୍କ ଓ ହୋମିଓପାଥି ମେଡିକାଲ କଲେଜର ସ୍ଥାପନା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । କର୍ମଶାଳାରେ ବିଧାୟକ ଉଦବୋଧନରେ କହିଲେ ଯେ ଆମେ ବଜେଟ ବିଷୟରେ ଜାଣିବା ଦରକାର । ସମସ୍ତ ବିଭାଗୀୟ ଅଧିକାରୀ ମାନେ ଜାଣିଲେ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦେଇପାରିବେ । ଜିଲ୍ଲା ପରିଷଦ ଅଧ୍ୟକ୍ଷ କହିଲେ ଯେ ଯେଉଁ ରାଜ୍ୟର ବିତ୍ତିୟ ଶୃଙ୍ଖଳା ଯେତେ ଭଲ ସେ ଦେଶ ସେତିକି ଉନ୍ନତ । ଆଗରୁ କିଛି କିଛି ଲୋକ ଟ୍ୟାକ୍ସ ଦେଉଥିଲେ, ଏବେ ସମସ୍ତେ ଟିକସ ଦାତା ଅଟନ୍ତି । ସରକାରଙ୍କ ୩ ଲକ୍ଷ ୧୦ ହଜାର କୋଟିର ବଜେଟ ଏକ ବଡ ବଜେଟ । ସରକାରଙ୍କ ସୁଭଦ୍ରା ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସ୍ୱାଗତ ଯୋଗ୍ୟ । ଜିଲ୍ଲାପାଳ ମଧ୍ୟ ଏହି କର୍ମଶାଳାର ଆଭିମୁଖ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ସେହିପରି ଉପ-ଜିଲ୍ଲାପାଳ ବଜେଟର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ଏହି କର୍ମଶାଳାରେ ସମସ୍ତ ବିଭାଗୀୟ ଅଧିକାରୀ/ ସମସ୍ତ ବିଡ଼ିଓ/ ଅଙ୍ଗନବାଡିର ସିଡିପିଓ/ ଲାଇନ ବିଭାଗୀୟ ଅଧିକାରୀ /ଗଣ ମାଧ୍ୟମର ପ୍ରତିନିଧିମାନେ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ଧନ୍ୟବାଦ ପ୍ରଦାନ କରି ସଭାପତିଙ୍କ ଅନୁମତି କ୍ରମେ ସଭା ସାଙ୍ଗ କରିଥିଲେ ।




ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦର ଅଷ୍ଟାଦଶ ବାର୍ଷିକୀ ଉତ୍ସବ

# ସମ୍ବର୍ଦ୍ଧିତ ହେଲେ ବାଣପୁରର ସାହିତ୍ୟିକ



**ବାଣପୁର(ଏନ୍.ଏମ୍.) :** ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦର ଅଷ୍ଟାଦଶ ବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ଜିଲ୍ଲା ଜେଲ୍ ରୋଡସ୍ଥିତ ଶ୍ୟାମା ମାଧବ ବାସନ୍ତୀ ଦେବୀ ପାଠାଗାର ପରିସରରେ ପରିଷଦର ପ୍ରତିଷ୍ଠାତା ସଭାପତି ଶ୍ରୀ ଶିବ ସୁନ୍ଦର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ର ପୂର୍ବତନ ମୁଖ୍ୟ ପ୍ରଫେସର ଡଃ ଶରତ ଚନ୍ଦ୍ର ରଥ ମୁଖ୍ୟ ଅତିଥି ଭାବେ, ଭଞ୍ଜ ସାହିତ୍ୟର ବିଶିଷ୍ଟ ଗବେଷକ ଭଞ୍ଜନଗର ନଗର ନିବାସୀ ଶ୍ରୀ କାମଦେବ ସାହାଣୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ 'ବିଚିତ୍ର କାବ୍ୟ ବୈଦେହୀଶ ବିଳାସ' ଉପରେ ଏକ ମାର୍ମିକ ଆଲୋଚନା କରି ଶ୍ରୋତା ମାନଙ୍କୁ ମୁଗ୍ଧ କରିଥିଲେ । ସମ୍ମାନୀତ ଅତିଥି ରୂପେ ବିଶିଷ୍ଟ ନାଟ୍ୟକାର ବିଜୟ କୁମାର ମହାନ୍ତି ,ଭୁବନେଶ୍ୱର ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସ ମଣ୍ଡଳୀ ର ଓଡ଼ିଆ ଭାଷାବିତ ମନୋଜ କୁମାର ଜେନା, ଗାଳ୍ପିକା ଶ୍ୱେତ ପଦ୍ମାସିନୀ ମହାନ୍ତି, ପୁରୀ ସରକାରୀ ମହିଳା କଲେଜ ର ପୂର୍ବତନ ଅଧ୍ୟକ୍ଷ ଡ଼ଃ ଶରତ ଚନ୍ଦ୍ର ମହାପାତ୍ର ସମେତ ଅତିଥି ମାନେ ଅକ୍ଷୟ ତୃତୀୟା ଦିବସର ମହତ୍ତ୍ୱ, ଓଡ଼ିଆ ଭାଷା ର ଅବକ୍ଷୟ, ଭାଷା କମିସନ ଗଠିତ ହେବା ସହ ଭାଷା ଖିଲାପକାରୀ ଙ୍କୁ ଦଣ୍ଡ ଦେବାର ବ୍ୟବସ୍ଥା ଉପରେ ଉପାଦେୟ ବକ୍ତବ୍ୟ ରଖିଥିଲେ । ପରିଷଦର ଉପଦେଷ୍ଟା ସତ୍ୟବାଦୀ ବଳିୟାର ସିଂହ ଅତିଥି ପରିଚୟ ଓ ସମ୍ପାଦିକା ଶ୍ରୀମତୀ ବିମଳା ସିଂହ ସଭାର ଉଦ୍ଦେଶ୍ୟ ସଂପର୍କରେ ଅବଗତ କରାଇଥିଲେ । ସାହିତ୍ୟ ପରିଷଦ ପକ୍ଷରୁ ଭଞ୍ଜନଗରର ପ୍ରଫେସର ଡଃ ପ୍ରଦୀପ କୁମାର ପଟ୍ଟନାୟକ ଙ୍କୁ ପଠାଣୀ ପଟ୍ଟନାୟକ ସାହିତ୍ୟ ସମ୍ମାନ, କେନ୍ଦ୍ରାପଡ଼ା ର ଡଃ ବାସନ୍ତୀ ମହାନ୍ତି ଙ୍କୁ କବି ଜୟଦେବ ସମ୍ମାନ, କେନ୍ଦ୍ରାପଡ଼ା ର ଡଃ ନାରାୟଣ ସାହୁଙ୍କୁ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ସମ୍ମାନ, ଦଶପଲ୍ଲା ର ଗାଳ୍ପିକ ହାଡିବନ୍ଧୁ ମହାକୁଡ଼ ଙ୍କୁ ଶଚିରାଉତରାୟ ସମ୍ମାନ, ବାଣପୁର ତେନ୍ତୁଳି ଡିହ ର ଗବେଷକ ମଦନମୋହନ ମହାପାତ୍ର ଙ୍କୁ କୁନ୍ତଳା କୁମାରୀ ସାହିତ୍ୟ ସମ୍ମାନ, ଟାଙ୍ଗୀ ହିମାଂଶୁ ଶେଖର ମହାପାତ୍ର ଙ୍କୁ କବି ଉମ୍ବରୁଧର ପରିଡ଼ା ସମ୍ମାନ, ଜଟଣୀ କନ୍ତିଆ ମହିଳା କଲେଜ ଅଧ୍ୟକ୍ଷା ସୁକାନ୍ତି ମହାପାତ୍ର ଙ୍କୁ ବୃନ୍ଦାବତୀ ଦାସୀ ସମ୍ମାନ, ବାଣପୁର ପାଠାଗାର ଆନ୍ଦୋଳନର ବିନ୍ଧାଣୀ ତଥା ଗବେଷକ ଶ୍ରୀ ଗୋଲଖ ବିହାରୀ ପରିଡ଼ା ଙ୍କୁ କବିବନ୍ଧୁ ପରାଶର ସମ୍ମାନ ରେ ସମ୍ବର୍ଦ୍ଧନା କରାଯାଇଥିଲା । ପ୍ରାରମ୍ଭରେ କ୍ୱି ଗୋବିନ୍ଦ ଚନ୍ଦ୍ର ମହାରଣା, ଇତିଶ୍ରୀ ସାହୁ, ବ୍ରଜେଶ୍ୱରୀ ସିଂହ, ପ୍ରଫୁଲ୍ଲ କୁମାର ସାମନ୍ତରାୟ,, ଦେବରାଜ, ପ୍ରଧାନ, ବୈକୁଣ୍ଠନାଥ ରାଜଗୁରୁ, ସାମ୍ବାଦିକ ନବ କିଶୋର ପ୍ରଧାନ, ପ୍ରମୋଦ କୁମାର ଦାଶ ଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା । ସମୀର ରଞ୍ଜନ ପଟ୍ଟନାୟକ, ପ୍ରସନ୍ନ କୁମାର ପଟ୍ଟନାୟକ, ଦେବଦତ୍ତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।

# ସଂସଦରେ ମହିଳା ବିଲକୁ ବିରୋଧ ପ୍ରତିବାଦରେ ବ୍ରହ୍ମପୁରରେ କଂଗ୍ରେସ ଓ ବିଜେଡିକୁ ବିରୋଧ ଓ କୁଶପୁତ୍ତଳିକା ଦାହ

**ବ୍ରହ୍ମପୁର(ଏନ୍.ଏମ୍.):** 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ବିରୋଧ କରୁଥିବା ରାଜନୈତିକ ଦଳ ବିରୁଦ୍ଧରେ ପ୍ରତିବାଦର ସ୍ୱର ଆଜି ସାରା ରାଜ୍ୟରେ ସାଧାରଣ ମହିଳା ମାନଙ୍କୁ ଆନ୍ଦୋଳିତ କରିଛି । ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଠାରେ ସାଧାରଣ ମହିଳା ଯୁବତୀ ଓ ଛାତ୍ରୀ ମାନଙ୍କ ଦ୍ୱାରା ବିଜେଡ଼ି,କଂଗ୍ରେସ ସମେତ ଇଣ୍ଡି ମେଣ୍ଟ ବିରୋଧରେ ନାରାବାଜି କରିବା ସହ ମହିଳା ଆରକ୍ଷଣ ବିଲ ଯେଉଁ ଭାବରେ ପ୍ରତ୍ୟାଖାନ ହେଲା ତା' ବିରୁଦ୍ଧରେ ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି, ଜାଣିରଖିବା ଦରକାର ମହିଳା ଆରକ୍ଷଣ ବିଲକୁ ମୋଦି ସରକାର ସଂସଦରେ ଉପସ୍ଥାପନା କରିଥିଲେ ଯାହାକୁ ୨୩୦ ସାଂସଦ ବିରୋଧ କରିଥିଲେ ଯାହାକି ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ନମିଳିଥିବା କାରଣରୁ ବିଲ ଟି ଖାରଜ ହୋଇଥିଲା । ମୋଦି ସରକାର ମହିଳା ମାନଙ୍କୁ ସୁଦୃଢ କରିବା ପାଇଁ ଯେଉଁ ବିଲ ଆଣିଥିଲେ ତାହା ଖାରଜ ହେଲାପରେ କଂଗ୍ରେସ ଓ ଇଣ୍ଡି ମେଣ୍ଟର ସଦସ୍ୟମାନେ ତାକୁ ତାଳି ବଜେଇ ଏହାକୁ ସ୍ୱାଗତ କରିଥିଲେ ଏଥିରୁ ହିଁ ଇଣ୍ଡି ମେଣ୍ଟ ସଦସ୍ୟମାନଙ୍କ ମାନସିକତାକୁ ପରଖି ହୁଏ କେଉଁଭଳି ଭାବରେ ସେମାନେ ଭାରତର ମହିଳା ମାନଙ୍କ ବିରୋଧି । ମାଆ ମାନଙ୍କ ବଳ ମହିଳାମାନଙ୍କ ବଳର ଆହ୍ୱାନ ଦେଉଥିବା ବିଜେଡ଼ି ଆଜି କେଉଁଭଳି ଭାବରେ ଇଣ୍ଡି ମେଣ୍ଟ ସହ ସମ୍ପର୍କ ରଖି ସୁଚିନ୍ତିତ ଯୋଜନା ମାଧ୍ୟମରେ ଏହି ବିଲ କୁ ଖାରଜ କରିବାରେ ସମର୍ଥନ ଜଣାଇଛି । ଗାଁ ଗାଁରୁ ନଗର ନଗରରୁ ଆଜି ସମସ୍ତଙ୍କର ବିରୋଧ ଆଚରଣ ଦେଖିବାକୁ ମିଳିଛି ଯେ କିଭଳି ଭାବରେ କଂଗ୍ରେସ ବିଜେଡ଼ିର ଘୃଣ୍ୟ ମାନସିକତା ମହିଳା ବିରୋଧି ମାନସିକତା ଆଜି ସାଧାରଣ ଜନ ମାନସରେ ପ୍ରତିପାଦିତ ହେଉଛି । ଆଜି ମହିଳା ମାନେ ସ୍ୱପ୍ରବୃତ ଭାବରେ ଆନ୍ଦୋଳନ କାର୍ଯ୍ୟକ୍ରମ କରିଥିଲେ ଏଥିରେ କର୍ପୋରେଟର ସବିତା ସାହୁ,ବନିତା ସାହୁ,ବର୍ଷା ବିଦୁସ୍ମିତା ,ସବିତା ସୁଆର, ମୋନିତା ଦାସ,ମଧୁସ୍ମିତା ଠାକୁର,ପୂଜାଲିନ ମହାରଣା ,ସସ୍ମିତା ନାୟକ,ମମତା ରଣା ପ୍ରମୁଖଙ୍କ ସମେତ ବହୁ ମହିଳା ଓ ଯୁବତୀ ଉପସ୍ଥିତ ଥିଲେ ।



ଅପହୃତ ପ୍ଲଟ୍ ବ୍ୟବସାୟୀଙ୍କୁ ହତ୍ୟା

# ଘଟଣା ନେଇ ସହରରେ ଚାଞ୍ଚଲ୍ୟ

**ବ୍ରହ୍ମପୁର (ଏନ୍.ଏମ୍.):** ମଙ୍ଗୁଆଳ ବିହୀନ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଚୁଲିକୁ ଗଲାଣି ଆଇନ ଶୃଙ୍ଖଳା ପରିସ୍ଥିତି । ନିର୍ବାଚନ ଦାୟିତ୍ୱରେ ବ୍ରହ୍ମପୁର ଏସପି ପଶ୍ଚିମ ବଙ୍ଗରେ ଥିବା ବେଳେ କ୍ରାଇମ କାପିଟାଲ କୁହାଯାଉଥିବା ବ୍ରହ୍ମପୁର ପୋଲିସ ଜିଲ୍ଲା ଲଗାମ ଛଡ଼ା ହୋଇପଡିଛି । ଯାହାର ବଡ ଉଦାହରଣ ହେଉଛି ବ୍ୟବସାୟୀଙ୍କୁ ଅପହରଣ ଘଟଣା । ଗୋପାଳପୁର ଥାନା ଅନ୍ତର୍ଗତ ସତ୍ୟନାରାୟଣ ପୁର ଗ୍ରାମର ସୁଧୀର ପାତ୍ରଙ୍କୁ ଗତ ୧୪ ତାରିଖ ଦିନ ସନ୍ଧ୍ୟା ସମୟରେ ଡୁରା ଡିଫେନ୍ସ କଲୋନୀ ଠାରୁ ତାଙ୍କୁ କିଏ ଅପହରଣ କରି ନେଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମଟର ସାଇକେଲକୁ ଜବତ କରି ତନାଘନା ଆରମ୍ଭ କରିଥିଲା । ମୋଟ ୮ଟି ଟିମ୍ କରି ପୋଲିସ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଯାଇ ତଦନ୍ତ କରିଥିଲା; ହେଲେ ଅଭିଯୁକ୍ତଙ୍କ କାଣିଚାଏ ଭି ଟେର ପାଇଲାନି ପୋଲିସ ଟିମ । ଦିର୍ଘ ୭ ଦିନ ପରେ ଯେଉଁ ଛାତିଥରା ଦୃଶ୍ୟ ଲୋକ ଲୋଚନକୁ ଆସିଲା ତାହା ସମସ୍ତଙ୍କ ହୃତପିଣ୍ଡର ସ୍ପନ୍ଦନକୁ ଦ୍ୱିଗୁଣିତ କରିଛି । ଅପହରଣ କାରିମାନେ ସୁଧିରକୁ ସୋରଡା ଓ ଭଞ୍ଜନଗର ଅଞ୍ଚଳ ର ଏକ ନିକାଞ୍ଚନ ଜଙ୍ଗଲ କୁ ନେଇ ସେଠାରେ ବନ୍ଧୁକ ମୁନରେ ଅକଥନୀୟ ନିର୍ଯାତନା ଦେବା ସହ ଏହାର ଭିଡିଓ ଉତ୍ତଳନ କରି ସୁଧିର ଙ୍କ ପରିବାର କୁ ପଠାଇ ୨କୋଟି ଟଙ୍କା ଦାବି କରିଥିବା ଜଣା ପଡିଥିଲା । ହେଲେ ପୋଲିସର ବିଫଳତା ଅପରାଧୀଙ୍କୁ ବାସ୍ତବ ରୂପ ଦେବାର ସୁଯୋଗ ମିଳିଥିଲା । ଗତ ବୁଧବାର ଗଞ୍ଜାମ ଜିଲ୍ଲାର ସୋରଡ଼ା ପୋଲିସ ଖବର ପାଇଥିଲା ବଲପଙ୍କା ଗ୍ରାମ ନିକଟ ଶୀପଙ୍କାଲ ପୋଲ ନିକଟରେ ଏକ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତ ଦେହ ସମ୍ପର୍କରେ । ଏହା ପରେ ସନ୍ଦେହ ବଢିଥିଲା ପୋଲିସର ସଙ୍ଗେ ସଙ୍ଗେ ସାଇଣ୍ଟିଫିକ୍ ଟିମ୍ ଓ ସୁଧୀରଙ୍କ ସମ୍ପର୍କୀୟ ପହଞ୍ଚି ତଦନ୍ତ ପରେ ଜଣାପଡ଼ିଲା ଏହା ସୁଧୀରଙ୍କ ମୃତ ଦେହ । ପୋଲିସ ଘଟଣା ସ୍ଥଳରେ ଶବର ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛନ୍ତି । ପୋଲିସ ଏହି ହତ୍ୟାକାଣ୍ଡ ଘଟଣାରେ କିଛି ଜଣକୁ ଅଟକ ରଖି ପଚରା ଉଚରା କରୁଥିବା ଜଣା ପଡିଛି ।






## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା



**ଟାଙ୍ଗୀ, ଖୋର୍ଦ୍ଧା(ଏନ୍.ଏମ୍.) :** ଟାଙ୍ଗୀ ଏନଏସିର ଆରାଧ୍ୟ ଠାକୁର ପ୍ରଭୁଶ୍ରୀ ବଳରାମଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଯଜ୍ଞର ପ୍ରଥମ ଦିବସରେ ଗୋଡିପାଟଣା ସାହି ସ୍ଥିତ ଡିଗୀ ପୋଖରୀ ଠାରେ ସଂକଳ୍ପୀମାନଙ୍କ ଉପସ୍ଥିତିରେ ପ୍ରଭୁଶ୍ରୀ ବଳରାମ, ସୂର୍ଯ୍ୟଦେବଙ୍କୁ ପୂଜାର୍ଚ୍ଚନା ସହ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞ ପୀଠରେ ପହଂଚିଥିଲେ । ପଣ୍ଡିତ ଶୁଭ୍ରାଂଶୁ ମିଶ୍ର ପୂଜାର୍ଚ୍ଚନା କାର୍ଯ୍ୟ ସଂପାଦିତ କରିଥିଲେ । ସରପଞ୍ଚ କିଶୋର କୁମାର ବେହେରା, ଯଜ୍ଞ କମିଟି ସଂପାଦକ ବିଜୟ ରାଉତ, ସଦସ୍ୟ ମହେଶ୍ୱର ପ୍ରଧାନ,ବସନ୍ତ ମହାନ୍ତି, ଗୌରାଙ୍ଗ ବେହେରା, ସନାତନ ବେହେରା, ଅଧିକାରୀ ସୁବୁଧି,ଗଂଗାଧର ସୁନ୍ଦରାୟ, ପ୍ରବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ସର୍ବଭାରତୀୟ ଦାବି ଦିବସ





**ବ୍ରହ୍ମପୁର(ଏନ୍.ଏମ୍.) :** ଗଞ୍ଜାମ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘ, ସର୍ବଭାରତୀୟ ରାଜ୍ୟ ସରକାରୀ ପେନସନର ମହାସଙ୍ଘ ଡାକରାରେ ୨୦୨୫ ଜାନୁଆରୀରେ ପାରିତ ହୋଇଥିବା ଭାଲିଡେସନ ଆକ୍ଟକୁ ପ୍ରତ୍ୟାହାର ସହ ୧୦ଦଫା ଦାବି ସମ୍ୱଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଯେଉଥିରେ କି ୧.୨୦୨୫ ମାର୍ଚ୍ଚ ମାସରେ ପାରିତ ହୋଇଥିବା ଆର୍ଥିକ ବିଲ ମଧ୍ୟରେ ଭାଲିଡେସନ ଆକ୍ଟକୁ ପ୍ରତ୍ୟାହାର । ସମସ୍ତଙ୍କୁ ଏନପିଏସ, ୟୁପିଏସ ବଦଳରେ ଓପିଏସ ଦେବା । ୩୧ ଡିସେମ୍ୱର ସୁଧା ଅବସର ନେଇଥିବା ସମସ୍ତ ପେନ୍ସନରଙ୍କୁ .ଅଷ୍ଟମ ଦରମା କମିଶନର ସମସ୍ତ ସୁବିଧା ପ୍ରଦାନ । ସମସ୍ତ ରାଜ୍ୟ ପେନ୍ସନରଙ୍କ ମହଙ୍ଗା ଭତ୍ତା କେନ୍ଦ୍ରର ପେନସନ୍ରଙ୍କ ପରି ବୃଦ୍ଧି ହେବା ଓ କୋଭିଡ ସମୟରେ ୮ ମାସର ମହଙ୍ଗା ଭତ୍ତା ପ୍ରଦାନ । କମୁଟେସନ ଅବଧି ୧୫ ବର୍ଷ ବଦଳରେ ୧୧ ବର୍ଷ କରାଯିବା । ବରିଷ୍ଠ ନାଗରିକଙ୍କ ରେଳ ଯାତ୍ରାରେ ଥିବା ରିହାତି କୁ ପୁନଃ ଲାଗୁକରିବା । ସମସ୍ତ ରାଜ୍ୟ ସରକାର ପେନସନର ମାନଙ୍କୁ ଇନ୍ସୁରେନ୍ସ ମାଧ୍ୟମରେ ଚିକିତ୍ସାସୁବିଧା ପ୍ରଦାନ କରିବା, ପବ୍ଲିକ ସେକ୍ଟର ଅନୁଷ୍ଠାନ ଗୁଡିକୁ ନିଜିକରଣ କରିବରେ କ୍ଷାନ୍ତ ରହିବା । ଅତି ସାଙ୍ଘାତିକ ୪ଗୋଟି ଶ୍ରମ କୋଡକୁ ବାତିଲ କରିବା ଓ ନୂତନ ଶିକ୍ଷାନୀତି ୨୦୨୦କୁ ପ୍ରତ୍ୟାହାର ଜଣାଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର,ବ୍ରହ୍ମପୁରଙ୍କ କର୍ଯ୍ୟାଳୟ ସାମନାରେ ଏକ ବିଶାଳ ବିକ୍ଷୋଭର ଆୟୋଜନ କରାଯାଇଛି । ବିକ୍ଷୋଭରେ ଶତାଧିକ ପେନ୍ସନର ଯୋଗଦେଇଥିଲେ । ଦାବି ଗୁଡିକ ଉପରେ ସଭାପତି ଡି.ମୋହନ ରାଓ, ରାଜ୍ୟ ଉପଦେଷ୍ଟା କେ.ନନ୍ଦେଷୁ ସେନାପତି, ଏସଏନ ଗୁପ୍ତା, ମହର୍ଷି ସିଂ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଯଦି ସରକାର ଦାବି ପୁରଣରେ ନକରନ୍ତି ତେବେ ଆସନ୍ତା ମାସ ମେ ୧୩,୧୪,ଓ ୧୫ ତାରିଖରେ ତିନିଦିନ ଧରି ରାଜଧାନୀ ଭୁବନେଶ୍ୱର ଠାରେ ବିକ୍ଷୋଭର ଆୟୋଜନ କରିବାକୁ ସୂଚନା ଦିଆଯାଇଛି । ସଭାପତି ରାଓଙ୍କ ନେତୃତ୍ୱରେ, ଉପସଭାପତି ଏସଏନ ଗୁପ୍ତା, ଡ଼ି. ଗୁରୁମୁର୍ତ୍ତି ପାତ୍ର, କେ. ନନ୍ଦେଷୁ ସେନାପତି, ବିଜୟ କୁମାର ବେହେରା, ନାରାୟଣ ପାଣିଗ୍ରାହୀ, ସେଫଳି ଦାସ, ଶିଖରାଣୀ ପାଳ, ନିରାକାର ସାବତ ଭାରତର ପ୍ରଧାନ ମନ୍ତ୍ରୀଙ୍କୁ ୧୦ ଦଫା ସମ୍ୱଳିତ ଦାବିପତ୍ର ଓ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ଦଫା ସମ୍ୱଳିତ ଦାବିପତ୍ର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଦିଆଯାଇଥିଲା । ଦଣ୍ଡପାଣି ସାବତ, ବସନ୍ତ କୁମାର ପାତ୍ର, ବି.ରାଙ୍ଗା ପାତ୍ର, ସନ୍ତୋଷ କୁମାର ସାହୁ, ପ୍ରଶାନ୍ତ କୁମାର ପଣ୍ଡା ସହଯୋଗ କରିଥିଲେ ।

## ଟାଙ୍ଗୀ ଏନଏସି ପକ୍ଷରୁ ଖୋଲିଲା ଜଳଛତ୍ର




**ଟାଙ୍ଗୀ/ଖୋର୍ଦ୍ଧା(ଏନ୍.ଏମ୍.) :** ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବୃଦ୍ଧି ପାଇଚାଲିଛି । ଦିନ ୧୧ ଟା ପରେ ରାସ୍ତାଘାଟ ବଜାର ଶୁନଶାନ ହେଉଥିବା ଦେଖାଯାଉଛି ।ପଥିକ ମାନଙ୍କୁ ପାନୀୟ ଜଳ ଯୋଗାଇ ଦେବାପାଇଁ ଟାଙ୍ଗୀ ଏନଏସି ପକ୍ଷରୁ ଶାନ୍ତି ମାର୍କେଟ ଗୋଲେଇ ଛକ ଠାରେ ଜଳଛତ୍ର ର ଉଦଘାଟନ ହୋଇଯାଇଛି । ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ରୁମାନା ଜାଫ୍ରି ଜଳଛତ୍ରକୁ ଉଦ୍‌ଘାଟନ କରିବା ସହ ଉପସ୍ଥିତ ଲୋକଙ୍କୁ ଦହିପଣା ବାଣ୍ଟିଥିଲେ । ସରପଂଚ କିଶୋର କୁମାର ବେହେରା,ବିଜେପି ନେତା ସୁରେନ୍ଦ୍ର ମହାପାତ୍ର, ସମବାୟ ସମିତି ସଭାପତି ମହେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ରାସ୍ତା କଡର ଗଛ ସହ ବୋଲେରୋର ଧକ୍କା ମହିଳାଙ୍କମୃତ



**କଳାହାଣ୍ଡି(ଏନ୍.ଏମ୍.) :** କଳାହାଣ୍ଡି ଜିଲ୍ଲା ଜୟପାଟଣା ରଣମାଲ ଗୁନଗୁନିଆଁ ମଝି ମୁଖ୍ୟ ରାସ୍ତା ରେ ଅଭାବନୀୟ ଘଟଣା ଗତ ବିଳମ୍ବିତ ରାତିରେ ମୋଟେର ଜୟପାଟଣା ମୁଖ୍ୟ ରାସ୍ତାର ଗୁନଗୁନିଆ ନିକଟରେ ଘଟିଛି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା । ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୫ଜଣ ଗୁରୁତର ଆହତ ହେଇଛନ୍ତି । ସୂଚନା ଅନୁସାରେ ମଙ୍ଗଳପୁର ଗ୍ରାମର ପୁର୍ଣ୍ଣ ଚନ୍ଦ୍ର ସାହୁ ପରିବାର ସହ ବିବାହ ଭୋଜିରେ ଯୋଗ ଦେଇ ଗାଡି ନମ୍ବର ଓ.ଆର ୦୮ ଏଚ ୧୮୩୬ ବୋଲେରୋରେ ମୋଟେର ଜୟପାଟଣା ରାସ୍ତା ଦେଇ ପରିବାରର ୬ ଜଣ ସଦସ୍ୟଙ୍କ ସହ ମଙ୍ଗଳପୁର ଗାଁ କୁ ଫେରୁଥିବା ବେଳେ ଗୁନଗୁନିଆ ବୁଲାଣିରେ ଚାଳକ ବୋଲେରୋ ରୁ ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଥିବା ଏକ ତେନ୍ତୁଳି ଗଛ ସହ ଧକ୍କା ହୋଇଥିଲା । ଯାହାରି ଫଳରେ ମିନୁରାଣୀ ସାହୁ ନାମକ ୩୧ ବର୍ଷିୟ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ଗୁରୁତର ହେଇଛନ୍ତି । ସେମାନଙ୍କୁ ଜୁନାଗଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇ ଚିକିତ୍ସା କରାଯାଉଛି । ଆଜି ମଙ୍ଗଳବାର ଘଟଣା ସମ୍ବନ୍ଧରେ ସୂଚନା ପାଇବା ପରେ କଲମପୁର ପୁଲିସ ଥାନା ପକ୍ଷରୁ କୁଟୁ ପୁଲିସ ଫାଣ୍ଡି ଅଧିକାରୀ ଅସିତ୍ କୁମାର ପଣ୍ଡା ସକାଳ ସାଢେ ୭ଟା ବେଳେ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ପରେ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ମୃତ ମହିଳାଙ୍କ ଶବ ଜବତ କରି ଏକ ଦୁର୍ଘଟଣା ଜନିତ ମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛନ୍ତି ।

## ରାଜାତୋଟା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



**ଯାଜପୁର (ଏନ୍.ଏମ୍.) :** ବରୀ ବ୍ଲକ ଅନ୍ତର୍ଗତ ବାଲିବିଲି ଗ୍ରାମ ପଞ୍ଚାୟତ ର ରାଜାତୋଟା ଠାରେ ସର୍ବ ପୁରାତନ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଯାଇଛି । ୧୩ ତାରିଖରୁ ସାତଦିନ ବ୍ୟାପୀ ଷୋଡ଼ଶ ଉପଚାର ପୂଜା ସହ କଳସ ଯାତ୍ରା,ସୂର୍ଯ୍ୟ ପୂଜା,ଧେନୁ ପୂଜା, ସପ୍ତସତୀ ଚଣ୍ଡୀ,ଗୀତା ଯଜ୍ଞ,ଅନ୍ନଯଜ୍ଞ ଓ ସାପ୍ତାହିକ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଲୋକଙ୍କ ମନୋରଞ୍ଜନ ଓ ଭାଇଚାରା ସୃଷ୍ଟି ଉଦ୍ଦେଶ୍ୟରେ 'ମା ବନଦୁର୍ଗା ଗଣନାଟ୍ୟ' ତରଫରୁ ଯାତ୍ରା ପରିବେଷଣ ମଧ୍ୟ ହୋଇଯାଇଛି । ସାତ ଦିନ ବ୍ୟାପୀ ଶ୍ରୀମଦ୍ ଭାଗବତ ପାଠ, ଗୀତା ଯଜ୍ଞ ସଂକୀର୍ତ୍ତନ,ହରିବୋଲ ହୁଳହୁଳି ରେ ସମ୍ପୂର୍ଣ୍ଣ ଅଞ୍ଚଳ ଟି ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଏହି କାର୍ଯ୍ୟକ୍ରମ ଟିକୁ ପଣ୍ଡିତ ରାମଚନ୍ଦ୍ର ପଣ୍ଡା ଙ୍କ ପୌରହିତ୍ୟରେ ପଣ୍ଡିତ ସର୍ବଶ୍ରୀ ଉପେନ୍ଦ୍ର କଣ୍ଡ,ନିର୍ମଳ ପଣ୍ଡା,ଡଃ ଅରୁଣ କୁମାର ପତି,ହରିହର ପଣ୍ଡା ପ୍ରଭୃତି ଯଜ୍ଞାଷ୍ଟମ କାର୍ଯ୍ୟ ସଞ୍ଚାଳିତ କରୁଥିବା ବେଳେ କାଶୀନାଥ ପଣ୍ଡା,ରମେଶ ଚନ୍ଦ୍ର ପତି,ଅମର ପାଢ଼ୀ,ଡାଙ୍ଗୁଆ ନନା ପ୍ରଭୃତି ଭାଗବତ ପାରାୟଣ କରିଥିଲେ । ବାଲିବିଲ, ଭବାନୀପୁର, ଅଲିପୁର, କେଁକରଡା, ଖେମେଶ୍ୱର, ଅଣିକଣା, ବେଙ୍ଗରାପୁର,ଅନ୍ୟାସୀପୁର ପ୍ରଭୃତି ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ପୂର୍ଣ୍ଣାହୁତି ରେ ଯୋଗ ଦେଇ ବିଶ୍ୱ ଶାନ୍ତି ସହିତ ସୁଜଳା ସୁଫଳା,ଶସ୍ୟ ଭରା ଶସ୍ୟ କ୍ଷେତ୍ର ର କାମନା ରଖିଥିଲେ । ସଙ୍କୀର୍ତ୍ତନ,ହରିବୋଲ, ହୁଳହୁଳି ଧ୍ୱନିରେ

# ସିପାହୀ ବିଦ୍ରୋହର ଅନ୍ୟତମ କର୍ଣ୍ଣଧାର କ୍ରାନ୍ତିବୀର ରାମକୃଷ୍ଣ ସାମନ୍ତ ସିଂହାରଙ୍କ ୨୩୪ତମ ଜୟନ୍ତୀ




**ବାଲିଚନ୍ଦ୍ରପୁର(ଏନ୍.ଏମ୍.) :** ଭାରତୀୟ ସଶସ୍ତ୍ର ମୁକ୍ତି ସଂଗ୍ରାମର ଅନନ୍ୟ ସାରଥି ବିପ୍ଳବୀ ବୀର ରାମକୃଷ୍ଣ ସାମନ୍ତ ସିଂହାରଙ୍କ ୨୩୪ ତମ ଜୟନ୍ତୀ ଉତ୍ସବ ଜନ୍ମପୀଠ ବରୀ ବ୍ଲକ ଅଭିମନ୍ୟୁ ବାଲିଆ ଠାରେ ଗତ ସୋମବାର ଦିନମହା ସମାରୋହରେ ପାଳିତ ହୋଇଯାଇଛି । ଗତବର୍ଷ ପବିତ୍ର ଅକ୍ଷୟତୃତୀୟା ତିଥିରେ କ୍ରାନ୍ତୀବୀର ରାମକୃଷ୍ଣଙ୍କର ପୂର୍ଣ୍ଣ ଅବୟବଯୁକ୍ତ ପ୍ରତିମୂର୍ତ୍ତୀ ଓଡିଶାର ମାନ୍ୟବର ସଂସ୍କୃତିମନ୍ତ୍ରୀ ସୂରଜ ସୁ ?ର୍ଯ୍ୟବଂଶୀଙ୍କ କରକମଳରେ ବିପ୍ଳବୀ ରାମକୃଷ୍ଣ ସାମନ୍ତ ସିଂହାର ସ୍ମୃତି ସଂସଦ ଦ୍ୱାରା ଉନ୍ମୋଚିତ ହୋଇଯାଇଥିଲା । ଚଳିତ ବର୍ଷ ବିଦଗ୍ଧ କବି ସେବକ ତଥା ଅଭିମନ୍ୟୁ ସାହିତ୍ୟ ଗବେଷକ ଶରତ କୁମାର ଜେନାଙ୍କ ପୌରହିତ୍ୟରେ ଆୟୋଜିତ ବର୍ଣ୍ଣାଢ୍ୟ ସମାବେଶରେ ମୁଖ୍ୟ ଅତିଥି ରୂପେ ରମାଦେବୀ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱରର ଅଧକ୍ଷ ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ ଯୋଗଦାନ କରି ସ୍ୱାଧିନତା ସଂଗ୍ରାମକୁ ରାମକୃଷ୍ଣ ସାମନ୍ତ ସିଂହାରଙ୍କ ଅବଦାନ ବିଷୟରେ ବିଷଦ ବାଖ୍ୟା କରିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ, ଗବେଷକ ତଥା ପ୍ରବଚକ ବଜ୍ର ମୋହନ ମହାନ୍ତି କହିଲେ ଯେ କ୍ରାନ୍ତିବୀର ରାମକୃଷ୍ଣ ବିଦଗ୍ଧ କବିଙ୍କ ସୁପୁତ୍ର । କ୍ରାନ୍ତି ହିଁ ସାମନ୍ତ ସିଂହାର ପରମ୍ପରାର ନିଦର୍ଶନ । ସାହିତ୍ୟ କୁହନ୍ତୁ କିମ୍ବା ସଂଗ୍ରାମ ସବୁକ୍ଷେତ୍ରରେ ଏହି ପରିବାରର ଉତ୍କଳ ପ୍ରତି ଯେଉଁ ଅବଦାନ ତାହା ଅବିସ୍ମରଣୀୟ । ସମ୍ମାନୀତ ବକ୍ତା ଭାବେ ଅଭିମନ୍ୟୁ ସାମନ୍ତ ସିଂହାର ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡ.ରବିନ୍ଦ୍ର କୁମାର ଦାସ ଯୋଗଦାନ କରି ରୀତି ସାହିତ୍ୟର ଧାରା ମଧ୍ୟରୁ ସଂଗ୍ରାମ ଇତିହାସ ଯାଏ ଜଣେ ଜଣକୁ ବଳିଲା ପରି ବାପ୍ ସେ ବେଟା ଜ୍ୟାଦା ନ୍ୟାୟରେ ରାମକୃଷ୍ଣ ଆଜି ସାରା ଦେଶରେ ଯେତିକି ପ୍ରଚାର ପ୍ରସାର ହେବାକଥା ତାହା ପ୍ରସାସନିକ ଉଦାସୀନତା ହେଉ କିମ୍ୱା ଆମ୍ଭର ଦାୟିତ୍ୱ ବୋଧ କମ୍ ହେବାର କାରଣରୁ ହେଉ ତାହା ହୋଇ ପାରିନାହିଁ । ଏହା ଆମ୍ଭର ଦୁର୍ଭାଗ୍ୟ । ବିଶିଷ୍ଟ ଶିକ୍ଷାବିତ୍ ବାଗ୍ମୀ ନାରାୟଣ ଚନ୍ଦ୍ର ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ରାମକୃଷ୍ଣଙ୍କୁ ଆଜିର ଛାତ୍ର ଛାତ୍ରୀ ମାନେ ବହୁତ ପଢିବାର ଆବଶ୍ୟକ ଅଛି । ଇତିହାସ ପୃଷ୍ଠା ଯଦି ରାମକୃଷ୍ଣଙ୍କୁ ସ୍ଥାନ ନଦିଏ ତେବେ ପୂଜ୍ୟପୂଜାର ବ୍ୟତିକ୍ରମ ଘଟିଛି ବୋଲି ଆମ୍ଭଙ୍କୁ ଭାବିବାକୁ ହେବ ବୋଲି ପ୍ରକାଶ କରିଥିଲେ । ରାମକୃଷ୍ଣ ସାମନ୍ତ ସିଂହାରଙ୍କ ବଂଶଜ ଶିକ୍ଷାବିତ ମନ୍ମଥ ରାୟ ପ୍ରାରମ୍ଭିକ ଅଭିଭାଷଣରେ କ୍ରାନ୍ତିବୀରଙ୍କ ଜୀବନ ଦର୍ଶନ ବିଷୟରେ ଅବଗତ କରାଇଥିଲେ । ଅନୁଷ୍ଠାନର ସଂପାଦକ ବସନ୍ତ କୁମାର ଜେନା ନିଜର ସଂପାଦକୀୟ ପାଠ କରିବା ସହିତ ପୂଜ୍ୟ ପୂଜା ନିମନ୍ତେ ପରବର୍ତ୍ତୀ ପିଢିର ଆବଶ୍ୟକତା ବିଶେଷ କରି ଯୁବବର୍ଗଙ୍କୁ ସାମିଲ୍ ହେବାକୁ ଆହ୍ୱାନ କରିବା ସହିତ ଏହି କାର୍ଯ୍ୟକ୍ରମ ରେ ଶିକ୍ଷାବିତ୍ ଗୋପବନ୍ଧୁ ଦାସ, କର୍ଣ୍ଣ ଚନ୍ଦ୍ର ଘଡାଇ, କପିଳ ଚରଣ ସାମଲ, ନଟବର ଜେନା, ଗଗନ ବିହାରୀ ଜେନା, ହରିଶ୍ଚନ୍ଦ୍ର ଦାସ, ବିରଂଚି ନାରାୟଣ ମିଶ୍ର, ଡ.ଅଜୟ କୁମାର ଜେନା,ବଳରାମ ପଣ୍ଡା, ମହେନ୍ଦ୍ର କୁମାର ଜେନା, ଚୈତନ୍ୟ ଚରଣ ଜେନା, ସନ୍ତୋଷ କୁମାର ରାଉତ, ପ୍ରସାନ୍ତ କୁମାର କବି, ବିଭୁତି ଭୂଷଣ ଜେନା, ଲୋକନାଥ ରାୟ, ବିଭୂତି ଭୂଷଣ ରାୟ, କାଶିନାଥ ରାୟ, ରବିନ୍ଦ୍ର ନାଥ ମିଶ୍ର, ନିହାର ଜେନା, ମକର ଚରଣ ଘଡାଇ, ପ୍ରଭାକର ଜେନା, ତପନ କୁମାର ଜେନା, ସୁକାନ୍ତ କୁମାର ଜେନା, ଶୁଭ୍ରାଂଶୁ ଶେଖର ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ସିଂ ଦେଓ ଓ ଡ ଭାଗ୍ୟଧର ସାହୁ ଆଦିଙ୍କ ଅବଦାନ ଓ ସହଯୋଗକୁ ସଭାରେ ସ୍ମରଣ କରି ରାମକୃଷ୍ଣ ଜାତୀୟ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପାଇବା ପଛରେ ଏମାନଙ୍କ ଅବଦାନକୁ ବର୍ଣ୍ଣନା କରିଥିଲେ । ବିଶେଷ କରି ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ନାୟକଙ୍କ ଉଚ୍ଚସ୍ତରରେ ଲଢେଇ ବିଷୟରେ ବର୍ଣ୍ଣନା କରି ତାଙ୍କୁ ସାଧୁବାଦ ଅର୍ପଣ କରିଥିଲେ । ଅଭିମନ୍ୟୁ ସାମନ୍ତ ସିଂହାର ଓ କ୍ରାନ୍ତିବୀର ରାମକୃଷ୍ଣଙ୍କ ଜନ୍ମ ପୀଠକୁ ଅବଧି ଐତିହ୍ୟ ଗ୍ରାମର ମାନ୍ୟତା ନମିଳିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ସଭାପତି ଶରତ କୁମାର ଜେନା ପ୍ରକାଶ କରିଥିଲେ । ଜୟନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସଭା ଶେଷରେ କଟକର ଦେବଦାସୀ ଭଜନ ପ୍ରତିଷ୍ଠାନ ଦ୍ୱାରା ଭଜନ ସମାରୋହ ରବିନ୍ଦ୍ରକୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ।

## ଏସଏସଆରଭିଏମ୍‌ର ଶୈକ୍ଷିକ କର୍ମଶାଳା



**ରାଉରକେଲା(ଏନ୍.ଏମ୍.) :** ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିର ପରିଚାଳିତ ସେକ୍ଟର ୨୦ ସ୍ଥିତ ଇସ୍ପାତ ଇଂଲିଶ ମାଧ୍ୟମିକ ବିଦ୍ୟାଳୟ ଠାରେ ଶୈକ୍ଷିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ନିର୍ଦ୍ଦେଶକ ଡ ଗିରିଜା ଶଙ୍କର ଦାସଙ୍କ ଅଧ୍ୟକ୍ଷତା ଓ ଶିକ୍ଷୟିତ୍ରୀ ଅମ୍ରିତା ନିଲମ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାମହିମ ରାଷ୍ଟ୍ରପତିଙ୍କ ଉପଦେଷ୍ଟା ଡ଼ ବିଜୟଲକ୍ଷ୍ମୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ । ମୁଖ୍ୟଅତିଥି ଡ଼ ମହାନ୍ତି ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ବାଣୀ,ଜୀବନ ଜିଇବାର କଳା, ଶିକ୍ଷକ କିପରି ସୃଷ୍ଟିର ନିର୍ମାଣ ଓ ପ୍ରଳୟର ସୂତ୍ରଧର, ସଚେତନତା ଉପରେ ଗୁରୁତ୍ୱାରୋପ, ପ୍ରଥମେ ଶିକ୍ଷକ ଶିଖିଲେ ପରେ ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ, ଖାଦ୍ୟ, ନିଦ୍ରା, ଧ୍ୟାନ ଓ ଶ୍ୱାସ ଉପରେ କିପରି ନିୟନ୍ତ୍ରଣ,ଯୁକ୍ତି, ସଂଗୀତ ଓ ଯୋଗାଭ୍ୟାସ ଉପରେ ସୁନ୍ଦର ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ଡ ଖୁସବୁ ଜ୍ୟୋତି, ପ୍ରାକ୍ତନ ଅଧ୍ୟକ୍ଷ ବନମାଳୀ କର, ସ୍ଥିରତା ଦେଇ ପ୍ରମୁଖ ମଞ୍ଚାସୀନ ଥିଲେ । ଶେଷରେ ଅଧ୍ୟକ୍ଷତା କରୁଥିବା ଡ ଦାସ ଏଭଳି କର୍ମଶାଳାର ଆବଶ୍ୟକତା ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଅଧିକାରୀ ଯଶବିନ୍ଦର କୌ ।ରଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

## ସାହିତ୍ୟ ସିନ୍ଧୁରା ପକ୍ଷରୁ ସାମ୍ବାଦିକ ନୃସିଂହ ପ୍ରସାଦ ମିଶ୍ରଙ୍କ ଦ୍ୱାଦଶାହ ସ୍ମୃତି ସଭା



**ବାଣପୁର(ଏନ୍.ଏମ୍.) :** ସାହିତ୍ୟ ସିନ୍ଧୁରା ଓ ପରିଡା ପାଠାଗାର, ବାଣପୁର ପକ୍ଷରୁ ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ପଣ୍ଡିତ ନୃସିଂହ ପ୍ରସାଦ ମିଶ୍ରଙ୍କ ବିୟୋଗ ଜନିତ ଦ୍ୱାଦଶାହ ସ୍ମୃତି ସଭା ଶୁଭକଲ୍ୟାଣ ମଣ୍ଡପ, ବିଧାରପୁର ଠାରେ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠାନ ର ପ୍ରତିଷ୍ଠାତା ତଥା ଆବାହକ ଗୋଲକ ବିହାରୀ ପରିଡାଙ୍କ ଆହ୍ୱାନ କ୍ରମେ ଏହି ସଭାରେ ବରିଷ୍ଠ ଆଇନଜୀବୀ ତଥା ସାହିତ୍ୟିକ ରବୀନ୍ଦ୍ର ନାଥ ମାନସିଂହ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ବାଣପୁର ବରିଷ୍ଠ ନାଗରିକ ସଙ୍ଘ ର ସଭାପତି ଡ଼କ୍ଟର ଚିନ୍ତାମଣି ମିଶ୍ର, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ ଲକ୍ଷ୍ମୀଚରଣ ପ୍ରଧାନ, ସମ୍ମାନିତ ବକ୍ତା ଭାବେ ଆଇନଜୀବୀ ଅଶୋକ କୁମାର ପ୍ରଧାନ, ପନ୍ତକୁଳିଆ କବି ଦିଗମ୍ବର ବିଶ୍ୱାଳ,, ସନ୍ଧ୍ୟା ଦେବୀ, ବିଷ୍ଣୁପ୍ରିୟା ବାରିକ, ଭିକାରୀ ଚରଣ ପ୍ରଧାନ ପ୍ରମୁଖ ଯୋଗ ଦେଇ ନୃସିଂହ ପ୍ରସାଦ ମିଶ୍ରଙ୍କ ଅମାୟିକ ବ୍ୟକ୍ତିତ୍ୱ, ନିର୍ଭୀକ ସାମ୍ବାଦିକତା, ଉତ୍ସର୍ଗୀକୃତ ସମାଜସେବା ର ଭୁୟସୀ ପ୍ରଶଂସା କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ମିଶ୍ର ଙ୍କ ଫୋଟୋ ଚିତ୍ରରେ ଶ୍ରଦ୍ଧାସୁମନ ଜ୍ଞାପନ ସହ ଦୁଇ ମିନିଟ ନୀରବ ପ୍ରାଥନା କରାଯାଇଥିଲା । ପରିଶେଷରେ ଗୋଲକ ବିହାରୀ ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ ।

## ଶ୍ରୀଶ୍ରୀ ଆଦି ଶଙ୍କରଚାର୍ଯ୍ୟଙ୍କ ୨୫୩୩ ତମ ଜୟନ୍ତୀ



**ଆସିକା(ଏନ୍.ଏମ୍.) :** ଶ୍ରୀ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତି ବଡ଼ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି । ଆସିକା ବିନାୟକ ବଜାର ସ୍ଥିତ ଶତାବ୍ଦୀ ପୁରାତନ ଶ୍ରୀ ଶ୍ରୀ ଭାଗବତ ମଠ ଠାରେ ଆଦିତ୍ୟ ବାହିନୀ ଆସିକା ଶାଖା ତରଫରୁ ଭଗବତ୍ ପାଦ ପୂଜ୍ୟ ସନ୍ଥ ଅନନ୍ତ ଶ୍ରୀ ବିଭୂଷିତ ଆଦି ଶଙ୍କରାଚାର୍ଯ୍ୟଙ୍କ ୨୫୩୩ ତମ ଜୟନ୍ତୀ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ ଓ ପୀଠ ପରିଷଦର କର୍ମକର୍ତ୍ତା ତଥା ସ୍ଥାନୀୟ ବିଭୁପ୍ରେମୀ ସଜ୍ଜନ ବୃନ୍ଦ ଉପସ୍ଥିତ ରହି ଶ୍ରୀ ଶ୍ରୀ ଆଦିଶଙ୍କର ଭଗବାନଙ୍କ ସ୍ତୁତି ଚାରଣ କରିଥିଲେ । ପ୍ରଭୁ ଶଙ୍କରାଚାର୍ଯ୍ୟ ହିଁ ସନାତମ ଧର୍ମର ପ୍ରଚାର ଓ ପ୍ରସାର କରାଇ ସନାତନ ଧର୍ମକୁ ବଜାୟ ରଖିବା ପାଇଁ ସେ ଯେଉଁ ପଦକ୍ଷେପମାନ ନେଇଛନ୍ତି ହୁଏତ ।ଙ୍କରି ଯୋଗୁଁ ଆଜି ଭାରତରେ ହିନ୍ଦୁତ୍ୱର ସତ୍ତା ରହିଛି ବୋଲି ଉପସ୍ଥିତ ଅତିଥିମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ଆଦିତ୍ୟ ବାହିନୀ ଆସିକା ଶାଖା ର ସଭାପତି ବ୍ରଜ ମୋହନ ପାତ୍ର ଓ ସଂପାଦକ ଟୁକୁନା ସାହୁଙ୍କ ସଂଯୋଜନା କରିଥିବା ବେଳେ ଏଥି ରେ ଆଦିତ୍ୟ ବାହିନୀ ପୂର୍ବତନ ରାଜ୍ୟ ସାଧାରଣ ସଂପାଦକ ପ୍ରଦୀପ କୁମାର ପାତ୍ର ସଭାପତିତ୍ୱ କରିଥିଲେ । ସଂଗଠନ ର ସହ ସଂପାଦକ ସୁବୋଧ ରଞ୍ଜନ ନାୟକ ସମଗ୍ର କାର୍ଯ୍ୟକ୍ରମ ପରିଚାଳନ କରିଥିବା ବେଳେ ଶେଷ ରେ ସାଂସ୍କୃତିକ ସଚିବ ଆଶିଷ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ ପୂର୍ବକ ଆଗାମୀ ଦିନରେ ସଂଗଠନ ଦ୍ୱାରା ଅନ୍ୟାନ୍ୟ ବ୍ୟାପକ କାର୍ଯ୍ୟକ୍ରମ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋଷାଧକ୍ଷ ଅରବିନ୍ଦ ପାତ୍ର, ବିଭୁ ପ୍ରେମୀ କିରଣ କୁମାର ପାଢ଼ୀ, ସମାଜ ସେବୀ ଏସ ଅନିଲ କୁମାର ପୃଷ୍ଟି, ପୀଠ ପରିଷଦ ଯୋଗେନ୍ଦ୍ର ପ୍ରଧାନ, ପୀଠ ପରିଷଦ ଅଭିରାମ ବେହେରା, ପୀଠ ପରିଷଦ କେ ମନମୋହନ ସେନାପତି, ପୀଠ ପରିଷଦ ଗୁଣ୍ଡିଚା ମହାରଣା, ବିଶିଷ୍ଟ ସାହିତ୍ୟକ ହେମନ୍ତ ଗନ୍ତାୟତ, ସକ୍ରିୟ ସଭ୍ୟ ଆର ସୁନୀଲ, ସଭ୍ୟ ଉମା ମହେଶ୍ୱର, ସଭ୍ୟ ଜଗନ୍ନାଥ ପାତ୍ର, ପ୍ରଚାର ସଚିବ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।




# ମହିଳା ଟ୍ୱେଣ୍ଟି-୨୦ : ଭାରତର ତୃତୀୟ ପରାଜୟ



**ଜୋହାନ୍ସବର୍ଗ(ଏଜେନ୍ସି) :** ଦକ୍ଷିଣ ଆଫ୍ରିକା ଗସ୍ତରେ ଥିବା ଭାରତୀୟ ମହିଳା ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି । ବୁଧବାର ଖେଳାଯାଇଥିବା ତୃତୀୟ ଟ୍ୱେଣ୍ଟି-୨୦ରେ ଦକ୍ଷିଣ ଆଫ୍ରିକା ୯ ୱିକେଟରେ ଭାରତକୁ ପରାସ୍ତ କରି ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାକୁ ୩-୦ରେ ସୁନିଶ୍ଚିତ କରିଛି । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଶେଫାଳି ବର୍ମା (୪୬ ବଲରୁ ୬୪ ରନ୍) ଓ ଅଧିନାୟିକା ହରମନପ୍ରୀତ କୌର (୩୮ ବଲରୁ ୬୬ ରନ୍)ଙ୍କ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୧୯୪ ରନ୍ କରିଥିଲା । ସ୍ମୃତି ମାନ୍ଧନା ୩୭ ଓ ରିଚା ଘୋଷ୍ ୧୮ରନର ଯୋଗଦାନ ଦେଇଥିଲେ । ଦ୍ୱିତୀୟ ଟ୍ୱେଣ୍ଟି-୨୦ରେ ମାତ୍ର ୨ ରନ୍ କରିଥିବା ତାରକା ବ୍ୟାଟର୍ ଜେମିମା ରଡ୍ରିଗ୍ସ ପୁଣି ବିଫଳ ହେବା ସହ ଖାତା ଖୋଲି ପାରିନଥିଲେ । ଦକ୍ଷିଣ ଆଫ୍ରିକା ପକ୍ଷରୁ ନନକୁଲୁଲେକୋ ଏମଲାବା ୨ଟି ଓ ନାଦାଇନ୍ ଡି'କ୍ଲେର୍କ ଗୋଟିଏ ୱିକେଟ୍ ଅକ୍ତିଆର କରିଥିଲେ । ଜବାବରେ ଦକ୍ଷିଣ ଆଫ୍ରିକା ଲୌରା ୱାଲଭାର୍ଟଙ୍କ ବିସ୍ଫୋରକ ଶତକ (୫୩ ବଲରୁ ୧୧୫ ରନ୍, ୫ ଛକା, ୧୪ ଚୌକା) ଓ ସୁନେ ଲୁସ୍‌ଙ୍କ ଅପରାଜିତ ଅର୍ଦ୍ଧଶତକ (୪୨ ବଲରୁ ୬୪ ରନ୍) ବଳରେ ହାତରେ ଆହୁରି ୨୧ ବଲ୍ ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା । ଭାରତ ପକ୍ଷରୁ ଶ୍ରେୟଙ୍କା ପାଟିଲ୍ ଏକମାତ୍ର ୱିକେଟ୍ ନେଇଥିଲେ ।

# ମିଚେଲ୍ ଷ୍ଟାର୍କଙ୍କୁ ଆଇପିଏଲ୍ ପାଇଁ ଅନୁମତି, ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗ ଦେବେ

**ନୂଆଦିଲ୍ଲୀ(ଏନ୍.ଏମ୍.) :** ଆଇପିଏଲ୍ ଖେଳିବାକୁ ଦ୍ରୁତ ବୋଲର୍ ମିଚେଲ୍ ଷ୍ଟାର୍କଙ୍କୁ ସବୁଜ ସଂକେତ ଦେଇଛି କ୍ରିକେଟ୍ ଅଷ୍ଟ୍ରେଲିଆ । ସେ ଶୁକ୍ରବାର ସୁଦ୍ଧା ଦିଲ୍ଲୀ କ୍ୟାପିଟାଲ୍ ଦଳରେ ଯୋଗ ଦେବେ ଓ ମେ ୧ରେ ହେବାକୁ ଥିବା ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ଖେଳିବାର ସମ୍ଭାବନା ରହିଛି । ଷ୍ଟାର୍କ ଗତ ଆସେସ୍ ଶୃଙ୍ଖଳାର ସମସ୍ତ ପାଞ୍ଚଟି ଟେଷ୍ଟ ଖେଳିଥିଲେ ଓ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ । ଏହା ପରେ ଜାନୁଆରି ଶେଷଭାଗରେ ସେ ବିଗ୍ ବାସ୍ ଲିଗ୍ରେ ବି ଖେଳିଥିଲେ । ତେବେ କହୁଣୀ ଓ କାନ୍ଧ ଯନ୍ତ୍ରଣା ଯୋଗୁଁ ସେ ପଡ଼ିଆରୁ ଦୂରେଇ ରହିଥିଲେ । ଏହି କାରଣରୁ ସେ ଆଇପିଏଲ୍ ୨୦୨୬ ପ୍ରାରମ୍ଭିକ କିଛି ମ୍ୟାଚ୍ ଖେଳିପାରିନାହାନ୍ତି । ସେ ଫେରିବା ପରେ ଦିଲ୍ଲୀ କ୍ୟାପିଟାଲ୍ସର ବୋଲିଂ ବିଭାଗ ଆହୁରି ଶାଣିତ ହେବା ଆଶା କରାଯାଉଛି । ଦିଲ୍ଲୀ କ୍ୟାପିଟାଲ୍ସ ଏବେ ୬ ମ୍ୟାଚ୍ରୁ ୩ ବିଜୟ ୩ ପରାଜୟ ସହ ପଏଣ୍ଟ ଟେବୁଲ୍ର ପଞ୍ଚମ ସ୍ଥାନରେ ରହିଛି ।



# ଗ୍ରୁପ୍ ବି'ରେ ଭାରତ, ବାଂଲାଦେଶ ଏବଂ ମାଳଦ୍ୱୀପ

**ନୂଆଦିଲ୍ଲୀ (ଏଜେନ୍ସି) :** ଢାକାସ୍ଥିତ ସାଫ୍ ସଚିବାଳୟରେ ଅନୁଷ୍ଠିତ ସରକାରୀ ଡ୍ର' ଅନୁଯାୟୀ, ସାଫ୍ ମହିଳା ଚାମ୍ପିଅନସିପ୍ ୨୦୨୬ ପାଇଁ ଆୟୋଜକ ଭାରତକୁ ବାଂଲାଦେଶ ଏବଂ ମାଳଦ୍ୱୀପ ସହ ଗ୍ରୁପ୍ 'ବି'ରେ ରଖାଯାଇଛି । ଏହି ଆଞ୍ଚଳିକ ଟୁର୍ଣ୍ଣାମେଣ୍ଟ ମେ ୨୫ରୁ ଜୁନ୍ ୬ପର୍ଯ୍ୟନ୍ତ ମାଡଗାଓଁରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି, ଯେଉଁଠାରେ ସମସ୍ତ ମ୍ୟାଚ୍ ପଣ୍ଡିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଖେଳାଯିବ । ଗ୍ରୁପ୍ 'ଏ'ରେ ନେପାଳ, ଶ୍ରୀଲଙ୍କା ଏବଂ ଭୁଟାନ ରହିଛନ୍ତି । ପ୍ରତ୍ୟେକ ଗ୍ରୁପରୁ ଶୀର୍ଷ ଦୁଇଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବେ । ଭାରତ ଦ୍ୱିତୀୟ ଥର ପାଇଁ ସାଫ୍ ମହିଳା ଚାମ୍ପିଅନସିପ୍ ଆୟୋଜନ କରୁଛି । ଏହାପୂର୍ବରୁ ୨୦୧୬ରେ ଶିଲିଗୁଡ଼ିରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଭାରତ ଟ୍ରଫି ଜିତିଥିଲା । ଏହା ସହିତ ଗୋଆକୁ ଦୀର୍ଘ ଦିନ ପରେ ସାଫ୍ ପ୍ରତିଯୋଗିତା ଫେରିଛି ; ପୂର୍ବରୁ ୧୯୯୯ରେ ସମାନ ଭେନ୍ୟୁରେ ପୁରୁଷ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା । ଏପ୍ରିଲ୍ ୨୧ରେ ପ୍ରକାଶିତ ସଦ୍ୟତମ ଫିଫା ମହିଳା ବିଶ୍ୱ ମାନ୍ୟତା ଆଧାରରେ ଏହି ଡ୍ର' କରାଯାଇଛି । ଏଥିରେ ଭାରତ (୬୯ତମ) ଏବଂ ନେପାଳ (୮୭ତମ) 'ପଟ୍-୧'ରେ ସ୍ଥାନ ପାଇଥିଲେ । ବାଂଲାଦେଶ (୧୧୨ତମ) ଏବଂ ଶ୍ରୀଲଙ୍କା (୧୬୨ତମ) 'ପଟ୍-୨'ରେ ଥିବାବେଳେ ଭୁଟାନ (୧୬୪ତମ) ଏବଂ ମାଳଦ୍ୱୀପ (୧୬୭ତମ) 'ପଟ୍-୩'ରେ ରହିଥିଲେ । ଭାରତ ଏହି ଟୁର୍ଣ୍ଣାମେଣ୍ଟର ସବୁଠାରୁ ସଫଳ ଦଳ ଭାବରେ ପ୍ରବେଶ କରୁଛି, ଯିଏ କି ପୂର୍ବରୁ ପାଞ୍ଚଟି ଟାଇଟଲ୍ (୨୦୧୦, ୨୦୧୨, ୨୦୧୪, ୨୦୧୬ ଏବଂ ୨୦୧୯) ଜିତିସାରିଛି । ତେବେ ବାଂଲାଦେଶ ଏଠାକୁ ଡିଫେଣ୍ଡିଂ ଚାମ୍ପିଅନ୍ ଭାବରେ ଆସିବ, ଯିଏ କି ୨୦୨୨ ଏବଂ ୨୦୨୪ରେ କ୍ରମାଗତ ଦୁଇଥର ଚାମ୍ପିଅନ୍ ହୋଇଛି । ନିକଟରେ ଯୁବ ସ୍ତରରେ ମିଳିଥିବା ସଫଳତା 'ବ୍ଲୁ ଟାଇଗ୍ରେସସ୍' (ଭାରତୀୟ ମହିଳା ଦଳ) ର ମନୋବଳ ବଢ଼ାଇବ । ଚଳିତ ବର୍ଷ ଆରମ୍ଭରେ ପୋଖରାରେ ଅନୁଷ୍ଠିତ ସାଫ୍ ଅଣ୍ଡର-୧୯ ମହିଳା ଚାମ୍ପିଅନସିପ୍ ଫାଇନାଲରେ ଭାରତର ଅଣ୍ଡର-୧୭ ଦଳ ବାଂଲାଦେଶକୁ ୪-୦ ଗୋଲରେ ପରାସ୍ତ କରିଥିଲା । ଗତ ସପ୍ତାହରେ ନାଇରୋବିର ନ୍ୟାୟୋ ନ୍ୟାସନାଲ ଷ୍ଟାଡିୟମରେ ଅନୁଷ୍ଠିତ 'ଫିଫା ସିରିଜ୍ ୨୦୨୬'ର ତୃତୀୟ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଭାରତୀୟ ମହିଳା ଦଳ ମାଲାୱି ବିପକ୍ଷରେ ୩-୨ ଗୋଲରେ ଏକ ରୋମାଞ୍ଚକର ବିଜୟ ହାସଲ କରିଥିଲା । ଘରୋଇ ମାଟିର ଫାଇଦା ଏବଂ କଡ଼ା ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ, ଭାରତ ଆସନ୍ତା ମାସରେ ଗୋଆରେ ଆରମ୍ଭ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ପୁଣି ଥରେ ମାଳଦ୍ୱୀପ ମୁକୁଟ ହାସଲ କରିବାକୁ ଲକ୍ଷ୍ୟ ରଖିବ ।



**ସାଫ୍ ମହିଳା ଚାମ୍ପିଅନସିପ୍**

## ବିସିସିଆଇର ବଡ଼ ନିଷ୍ପତ୍ତି

# ସବୁ ଫର୍ମାଟ୍‌ର ଖେଳାଳୀଙ୍କୁ ବିଶ୍ରାମ

**ନୂଆଦିଲ୍ଲୀ (ଏଜେନ୍ସି) :** ବିସିସିଆଇ ଏବେ ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ସାଇକେଲ୍ ଉପରେ ସମ୍ପୂର୍ଣ୍ଣ ଧ୍ୟାନ କେନ୍ଦ୍ରୀଭୂତ କରିଛି । କ୍ରମାଗତ ଦ୍ୱିତୀୟ ଥର ପାଇଁ ଟି-୨୦ ବିଶ୍ୱକପ ଜିତିବା ପରେ ଟିମ୍ ମ୍ୟାନେଜମେଣ୍ଟର ନଜର ଏବେ ଟେଷ୍ଟ କ୍ରିକେଟରେ ପ୍ରତ୍ୟାବର୍ତ୍ତନ ଉପରେ ରହିଛି । ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ସିରିଜରେ ପରାଜୟ ପରେ ଭାରତର ଡବ୍ଲୁଟିସି ଫାଇନାଲ୍ ରାସ୍ତା କଷ୍ଟକର ହୋଇପଡିଛି, ଏଭଳି ସ୍ଥିତିରେ ଦ୍ରୁତ ବୋଲର ଜସପ୍ରୀତ ବୁମରାଙ୍କୁ ଦଳର ସବୁଠାରୁ ବଡ଼ ଅସ୍ତ୍ର ଭାବେ ବିବେଚନା କରାଯାଉଛି ।

ରିପୋର୍ଟ ଅନୁଯାୟୀ, ଭାରତକୁ ଆଗାମୀ ୭ ମାସ ମଧ୍ୟରେ ୯ଟି ଟେଷ୍ଟ ମ୍ୟାଚ୍ ଖେଳିବାକୁ ଅଛି । ଏଭଳି ପରିସ୍ଥିତିରେ ଚୟନକର୍ତ୍ତା ଏବଂ ଟିମ୍ ମ୍ୟାନେଜମେଣ୍ଟ ବୁମରାଙ୍କ ୱାର୍କଲୋଡ୍‌କୁ ସାବଧାନତାର ସହ ପରିଚାଳନା କରିବାକୁ ଯୋଜନା କରୁଛନ୍ତି, ଯେପରି ସେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ମ୍ୟାଚ୍ ପାଇଁ ଫିଟ୍ ରହିବେ । ଏଥିପାଇଁ ତାଙ୍କୁ କିଛି ଓଡିଆଇ ଏବଂ ଟି୨୦ ସିରିଜରୁ ବିଶ୍ରାମ ଦିଆଯାଇପାରେ, ଭଲେ ହିଁ ଏହାଦ୍ୱାରା ୨୦୨୭ ଓଡିଆଇ ବିଶ୍ୱକପ୍ ପ୍ରସ୍ତୁତି ପ୍ରଭାବିତ ହେଉ ।

ଆଇପିଏଲ୍ ୨୦୨୬ର ଠିକ୍ ପରେ ଭାରତକୁ ଆଫଗାନିସ୍ତାନ ବିପକ୍ଷରେ ଏକମାତ୍ର ଟେଷ୍ଟ ଖେଳିବାକୁ ଅଛି, ଯାହା ଡବ୍ଲୁଟିସି ସାଇକେଲର ଅଂଶ ନୁହେଁ । ଏଭଳି ସ୍ଥିତିରେ ବୁମରାଙ୍କୁ ଏହି ମ୍ୟାଚରୁ ବିଶ୍ରାମ ଦିଆଯାଇପାରେ । ଏହା ପରେ ଭାରତ ଶ୍ରୀଲଙ୍କା ଗସ୍ତ କରିବ, ଯେଉଁଠାରେ ଚାରୋଟି ଟେଷ୍ଟ ମ୍ୟାଚ୍ ଖେଳାଯିବ - ଏହି ସିରିଜ୍ ବୁମରାଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି ।

ଭାରତକୁ ଇଂଲଣ୍ଡ ଏବଂ ଆୟର୍ଲାଣ୍ଡ ବିପକ୍ଷରେ ସୀମିତ ଓଭର ସିରିଜ୍ ଖେଳିବାକୁ ଅଛି, ଏହା ବ୍ୟତୀତ ଜିମ୍ବାୱେ ଗସ୍ତ ମଧ୍ୟ ସ୍ଥିର ହୋଇଛି । ଏହି ସିରିଜ୍ ଗୁଡ଼ିକରେ ବୁମରାଙ୍କ ଅଂଶଗ୍ରହଣ ସୀମିତ ରଖାଯାଇ ପାରେ ଯେପରି ସେ ରେଡ୍-ବଲ୍ କ୍ରିକେଟ୍ ପାଇଁ ଫିଟ୍ ଏବଂ ଫ୍ରେଶ୍ ରହିବେ ।

ବିସିସିଆଇର ମୁଖ୍ୟ ଲକ୍ଷ୍ୟ ହେଉଛି ୨୦୨୭ରେ ଅଷ୍ଟ୍ରେଲିଆ ବିପକ୍ଷରେ ହେବାକୁ ଥିବା ୫ଟି ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ସିରିଜ୍ । ଟିମ୍ ମ୍ୟାନେଜମେଣ୍ଟ ଚାହୁଁଛି ଯେ ବୁମରା ଏହି ସମ୍ପୂର୍ଣ୍ଣ ସିରିଜ୍ ଖେଳନ୍ତୁ । ଏହା ପୂର୍ବରୁ ମଧ୍ୟ ସେ 'ଆଣ୍ଡରସନ-ତେନ୍ଦୁଲକର ଟ୍ରଫି'ରେ ମାତ୍ର ତିନୋଟି ଟେଷ୍ଟ ଖେଳିପାରିଥିଲେ, ତେଣୁ ଏଥର ବୋର୍ଡ କୌଣସି ବିପଦ ନେବାକୁ ଚାହୁଁନାହିଁ ।

ଶ୍ରୀଲଙ୍କା ଗସ୍ତ ପରେ ଭାରତ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଘରୋଇ ସିରିଜ୍ ଖେଳିବ, ତା'ପରେ ନ୍ୟୁଜିଲାଣ୍ଡ ଗସ୍ତରେ ଯିବ । ଏହା ପରେ ଜିମ୍ବାୱେ ଏବଂ ଶ୍ରୀଲଙ୍କା ବିପକ୍ଷରେ ଆହୁରି ସିରିଜ୍ ରହିଛି । ଏହି ସମୟ ମଧ୍ୟରେ ଚୟନକର୍ତ୍ତା ବୁମରାଙ୍କୁ କିଛି ସିରିଜରୁ ବିଶ୍ରାମ ଦେଇପାରନ୍ତି, ବିଶେଷ କରି ବର୍ଡର-ଗାଭାସ୍କର ଟ୍ରଫି ୨୦୨୭ ପୂର୍ବରୁ ବୋଲି ଜଣାପଡ଼ିଛି ।

## ଲରିୟସ୍ ୱାର୍ଲ୍ଡ ସ୍ପୋର୍ଟସ୍ ଆୱାର୍ଡସ୍ ପୁରସ୍କାର ଜିତିଲେ

# ଅଲକାରାଜ୍ ଏବଂ ସାବାଲେଙ୍କା

**ମାଦ୍ରିଦ (ଏଜେନ୍ସି) :** ଲରିୟସ୍ ୱାର୍ଲ୍ଡ ସ୍ପୋର୍ଟସ୍ ଆୱାର୍ଡସ୍-୨୦୨୬ରେ ଟେନିସ୍ ତାରକା କାର୍ଲୋସ୍ ଅଲକାରାଜ୍ ଏବଂ ଆର୍ଯ୍ୟନା ସାବାଲେଙ୍କା ଶ୍ରେଷ୍ଠ ସମ୍ମାନ ହାସଲ କରିଛନ୍ତି । ସେମାନଙ୍କୁ ଯଥାକ୍ରମେ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ (ପୁରୁଷ) ଏବଂ ଶ୍ରେଷ୍ଠ କ୍ରୀଡ଼ାବିତ୍ (ମହିଳା) ପୁରସ୍କାର ପ୍ରଦାନ କରାଯାଇଛି । ମାଦ୍ରିଦର ସିବେଲେସ୍ ପ୍ୟାଲେସରେ ଅନୁଷ୍ଠିତ ଏହି ପୁରସ୍କାର ସମାରୋହରେ ପ୍ରସିଦ୍ଧ ଫ୍ରେଞ୍ଚ କ୍ଲବ୍ ପ୍ୟାରିସ୍ ସେଣ୍ଟ-ଜର୍ମାନ 'ବର୍ଷର ଶ୍ରେଷ୍ଠ ଦଳ' ଟାଇଟଲ୍ ଜିତିଛି । ଅଲକାରାଜ୍ ନିଜକୁ ବିଶ୍ୱର ଜଣେ ଶ୍ରେଷ୍ଠ ଖେଳାଳି ଭାବେ ପ୍ରତିଷ୍ଠିତ କରିଛନ୍ତି ଏବଂ ଜାନିକ ସିନରଙ୍କ ସହ ତାଙ୍କର ପ୍ରତିଦ୍ୱନ୍ଦ୍ୱିତା ପ୍ରଶଂସକଙ୍କୁ ବେଶ୍ ଆକୃଷ୍ଟ କରିଛି । ସେ ଏପର୍ଯ୍ୟନ୍ତ ସାତୋଟି ଗ୍ରାଣ୍ଡ ସ୍ଲାମ ଟାଇଟଲ୍ ଜିତିସାରିଛନ୍ତି ଏବଂ ଗତ ବର୍ଷ ମଧ୍ୟ ଫ୍ରେଞ୍ଚ ଓପନ ଓ ୟୁଏସ୍ ଓପନ ଜିତି ଚମତ୍କାର ପ୍ରଦର୍ଶନ କରିଥିଲେ । ଅଲକାରାଜ୍ ଏହି ଦୌଡ଼ରେ ସିନର, ମାର୍କ ମାର୍କେଜ୍ ଏବଂ ଓସମାନ ଡେମ୍ବେଲେଙ୍କ ଭଳି ଖେଳାଳିଙ୍କୁ ପଛରେ ପକାଇଛନ୍ତି । ପୁରସ୍କାର ଗ୍ରହଣ କରିବା ପରେ ଅଲକାରାଜ୍ କହିଛନ୍ତି, 'ଖେଳକୁ ଅତି ଗଭୀର ଭାବେ ବୁଝୁଥିବା ବ୍ୟକ୍ତିମାନଙ୍କଠାରୁ ଏହି ସ୍ୱୀକୃତି ପାଇବା ଏହାକୁ ଅଧିକ ଅର୍ଥପୂର୍ଣ୍ଣ କରିଛି । ଏହି ରାତିକୁ ମୁଁ କେବେବି ଭୁଲି ପାରିବି ନାହିଁ, ଏହା ଏଭଳି ଏକ ମୁହୂର୍ତ୍ତ ଯାହାକୁ ମୁଁ ସବୁଦିନ ପାଇଁ ମୋ ହୃଦୟରେ ସାଉତି ରଖିବି ।' ସାବାଲେଙ୍କା ଗତ ବର୍ଷ ୟୁଏସ୍ ଓପନ (ଟ୫ ଙ୍କକ୍ସରଭ) ଜିତି ନିଜର ଚତୁର୍ଥ ମେଜର ଟାଇଟଲ୍ ହାସଲ କରିଥିଲେ । ପୁରସ୍କାର ପାଇବା ପରେ ସେ କହିଛନ୍ତି, 'ମୁଁ ଏବେ ଉତ୍ସାହରେ ଥରୁଛି । ଯେଉଁ କିମ୍ବଦନ୍ତୀ ଏବଂ ଆଥଲେଟ୍‌ମାନଙ୍କୁ ମୁଁ ଦେଖି ବଡ଼ ହୋଇଛି ଏବଂ ଯାହାଙ୍କୁ ମୁଁ ଆଦର୍ଶ ମାନେ, ସେମାନଙ୍କ ପାଖରେ ମୋ ନାମ ରହିବ ବୋଲି ଭାବିଲେ ମୋତେ ବିଶ୍ୱାସ ହେଉନି ।' ଅନ୍ୟପଟେ, ପ୍ରସିଦ୍ଧ ଫ୍ରେଞ୍ଚ କ୍ଲବ୍ ପିଏସଜି ଭାରତୀୟ ମହିଳା ଦଳ ଏବଂ ମ୍ୟାକଲାରେନ୍ ଭଳି ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ 'ବର୍ଷର ଶ୍ରେଷ୍ଠ ଦଳ' ସମ୍ମାନ ଜିତିଛି । ମ୍ୟାକଲାରେନ୍ ଡ୍ରାଇଭର ଲାଣ୍ଡୋ ନୋରିସ୍ ଗତ ବର୍ଷ ନିଜର ପ୍ରଥମ ଋ୧ ଟାଇଟଲ୍ ବିଜୟ ପାଇଁ 'ବ୍ରେକ୍‌ଥ୍ରୁ ଅଫ୍ ଦି ଇୟର' (ଈକ୍ସରବଳସ୍ତ୍ରଷକ୍ସକ୍ଟଙ୍କଶଷ କ୍ଟଲ ସ୍ତ୍ରଷର ଣରବକ୍ସ) ପୁରସ୍କାର ଜିତିଥିବା ବେଳେ, ରୋରି ମ୍ୟାକଇଲରୋୟଙ୍କୁ 'କମ୍‌ବ୍ୟାକ୍ ଅଫ୍ ଦି ଇୟର' ପୁରସ୍କାର ପ୍ରଦାନ କରାଯାଇଛି ।




## ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ

# ୧୦ ମିଟର ଏୟାର ପିସ୍ତଲରେ ନରୱାଲ ଓ ଚିରାଗଙ୍କୁ ସ୍ୱର୍ଣ୍ଣ

**କାଇରୋ (ଏଜେନ୍ସି) :** ପୂର୍ବତନ ମିକ୍ସଡ୍ ଟିମ୍ ବିଶ୍ୱ ଚାମ୍ପିୟନ ଶିବ ନରୱାଲ୍ ତିନି ବର୍ଷର ବ୍ୟବଧାନ ପରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଛନ୍ତି । ମଙ୍ଗଳବାର କାଇରୋସ୍ଥିତ ଇଜିପ୍ଟ ଇଣ୍ଟରନ୍ୟାଶନାଲ ଓଲିମ୍ପିକ ସିଟିରେ ଆୟୋଜିତ ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍ (ରାଇଫଲ୍/ପିସ୍ତଲ/ସଟଗନ୍)ର ପ୍ରଥମ ଦିନରେ ସେ ୧୦ ମିଟର ଏୟାର ପିସ୍ତଲ ଜୁନିୟର ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଶିବଙ୍କ ସହ ଚିରାଗ ଶର୍ମା ଏହି ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ, ମହିଳା ୧୦ ମିଟର ଏୟାର ରାଇଫଲ୍ ?ରେ ପନାହ ଭୁଗ୍ରା ରୌପ୍ୟ ପଦକ ଜିତି ଦେଶ ପାଇଁ ଗୌରବ ଆଣିଛନ୍ତି । ଶିବ ନରୱାଲ୍ ନିଜର ଶାନଦାର ଫର୍ମ ବଜାୟ ରଖି ୨୪୧.୮ ସ୍କୋର ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ । ସେ ଉଜବେକିସ୍ତାନର ସୋଦିକଜୋନ୍ ଅବଦୁଲ୍ଲାଏଭଙ୍କ ଠାରୁ ୧.୮ ପଏଣ୍ଟ ଆଗରେ ରହିଥିଲେ, ଯିଏକି ରୌପ୍ୟ ପଦକ ପାଇଛନ୍ତି । ଭାରତର ଚିରାଗ ଶର୍ମା ୨୧୮.୯ ସ୍କୋର ସହ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ଜିତିଥିବାବେଳେ ଫାଇନାଲରେ ଥିବା ଅନ୍ୟତମ ଭାରତୀୟ ଅଭିନବ ଦେଶୱାଲ ୧୩୬.୭ ସ୍କୋର ସହ ସପ୍ତମ ସ୍ଥାନରେ ରହିଥିଲେ । ପୂର୍ବରୁ କ୍ୱାଲିଫିକେସନ୍ ରାଉଣ୍ଡରେ ଶିବ ୫୭୬-୧୯ଙ୍ଘ ସ୍କୋର ସହ ଶୀର୍ଷ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ । ଅଭିନବ ୫୭୬-୧୬ଙ୍ଘ ସ୍କୋର ସହ ତୃତୀୟ ଏବଂ ଚିରାଗ ୫୭୫-୧୩ଙ୍ଘ ସ୍କୋର ସହ ଚତୁର୍ଥ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଥିଲେ । ଅନ୍ୟପକ୍ଷରେ ଅଭିନବ ଚୌଧୁରୀ (୫୭୦-୧୪), ହିମାଂଶୁ ରାଣା (୫୬୮-୧୨) ଏବଂ ଅଭୟ ଧାମା (୫୬୭-୧୭ଙ୍ଘ) ଅଳ୍ପକେ ଫାଇନାଲ ଟିକେଟ୍ ପାଇବାରୁ ବଞ୍ଚିତ ହୋଇଥିଲେ । ମହିଳା ଜୁନିୟର ୧୦ ମିଟର ଏୟାର ରାଇଫଲ୍ ପ୍ରତିଯୋଗିତାରେ ପନାହ ଭୁଗ୍ରା, ଯିଏକି ୬୨୯.୪ ସ୍କୋର ସହ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ, ସେ ପ୍ରଥମ ସିରିଜ୍‌ରୁ ହିଁ ପଦକ ଦୌଡ଼ରେ ନିଜର ସ୍ଥାନ ବଜାୟ ରଖିଥିଲେ । ସେ ନିଜର ସ୍ଥିର ପ୍ରଦର୍ଶନ ଜାରି ରଖି ଶେଷରେ ୨୫୦.୬ ସ୍କୋର ସହ ରୌପ୍ୟ ପଦକ ହାସଲ କରିଛନ୍ତି । ଅନ୍ୟପକ୍ଷରେ ଫ୍ରାନ୍ସର ଆନସେଲିନ୍ ବ୍ରାକମ୍ୟାନ୍ (୨୫୨.୦) ସ୍ୱର୍ଣ୍ଣ ଏବଂ ହେଲେନା ଇକାଲ୍ (୨୨୮.୬) ବ୍ରୋଞ୍ଜ ପଦକ ଜିତିଛନ୍ତି । ଶାମ୍ଭବୀ କ୍ଷୀରସାଗର, ଯିଏକି ୬୩୪.୦ ଭଳି ଉଚ୍ଚ ସ୍କୋର ସହ କ୍ୱାଲିଫିକେସନ୍ ରାଉଣ୍ଡରେ ଶୀର୍ଷ ସ୍ଥାନରେ ଥିଲେ, ସେ ଫାଇନାଲରେ ୨୦୬.୫ ସ୍କୋର କରି ଚତୁର୍ଥ ସ୍ଥାନରେ ରହି ପଦକରୁ ବଞ୍ଚିତ ହୋଇଥିଲେ । ଫାଇନାଲରେ ଥିବା ତୃତୀୟ ଭାରତୀୟ ଆନ୍‌ଭି ରାଠୋର ୧୬୪.୬ ସ୍କୋର ସହ ଷଷ୍ଠ ସ୍ଥାନରେ ରହିଥିଲେ । ଆନ୍‌ଭି ୬୨୮.୬ ସ୍କୋର ସହ ଷଷ୍ଠ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ପାଇଥିବାବେଳେ ପ୍ରତିଯୋଗିତାରେ ଥିବା ଅନ୍ୟତମ ଭାରତୀୟ ମାନ୍ୟତା ସିଂ ୬୨୮.୩ ସ୍କୋର ସହ ଅଷ୍ଟମ ସ୍ଥାନରେ ରହିଥିଲେ । ନିୟମ ଅନୁଯାୟୀ ଗୋଟିଏ ଦେଶରୁ ସର୍ବାଧିକ ତିନିଜଣ ଆଥଲେଟ୍ ଫାଇନାଲକୁ ଯାଇପାରିବେ, ତେଣୁ କ୍ୱାଲିଫିକେସନ୍ ରାଉଣ୍ଡ ପରେ ଶୀର୍ଷ ତିନିଜଣ ଯୋଗ୍ୟ ବିବେଚିତ ହୋଇଥିଲେ ଏବଂ ମାନ୍ୟତା ଫାଇନାଲ ଟିକେଟ୍ ପାଇପାରିନଥିଲେ । ଅନ୍ୟ ଭାରତୀୟଙ୍କ ମଧ୍ୟରେ ଅନୁଷ୍କା ଥୋକୁର (୬୨୭.୯) ନବମ ଏବଂ ଅନିଶା ଶର୍ମା (୬୨୭.୧) ଦଶମ ସ୍ଥାନରେ ରହି ନିଜର ଅଭିଯାନ ଶେଷ କରିଥିଲେ । ଜୁନିୟର ବର୍ଗର ଏହି ପ୍ରଥମ ପ୍ରତିଯୋଗିତାରେ ୨୫ ମିଟର ପିସ୍ତଲ ପୁରୁଷ ଓ ମହିଳା ପ୍ରିସିସନ୍ ରାଉଣ୍ଡ ସହିତ ସ୍କିଟ୍ ପୁରୁଷ ଓ ମହିଳା ବିଭାଗର ପ୍ରଥମ ୭୫ଟି ଟାର୍ଗେଟ୍ ଇଭେଣ୍ଟ ମଧ୍ୟ ଆରମ୍ଭ ହୋଇଛି । ଆସନ୍ତାକାଲି ୨୫ ମିଟର ପିସ୍ତଲ ମହିଳା ବିଭାଗର ର୍ୟାପିଡ୍ ଷ୍ଟେଜ୍ ଓ ଫାଇନାଲ୍ ଏବଂ ସ୍କିଟ୍ ପୁରୁଷ ଓ ମହିଳା ବିଭାଗର ଅବଶିଷ୍ଟ ୫୦ଟି ଟାର୍ଗେଟ୍ ସହ ଫାଇନାଲ୍ ଅନୁଷ୍ଠିତ ହେବ । ଏହା ବ୍ୟତୀତ ୨୫ ମିଟର ପିସ୍ତଲ ପୁରୁଷ ଏବଂ ୫୦ ମିଟର ରାଇଫଲ୍ ପ୍ରୋନ୍‌ର ଉଭୟ ପୁରୁଷ ଓ ମହିଳା ବିଭାଗରେ କ୍ୱାଲିଫିକେସନ୍ ରାଉଣ୍ଡ ଆଧାରରେ ପଦକ ନିର୍ଣ୍ଣୟ କରାଯିବ ।




# ସିନିୟର ନ୍ୟାସନାଲ୍ ରଗବୀ ଚାମ୍ପିୟନଶିପରେ ହରିୟାଣା ବିଜୟୀ

**ଚଣ୍ଡୀଗଡ(ଏଜେନ୍ସି) :** ମଙ୍ଗଳବାର ଦିନ ଏଠାରେ ଅନୁଷ୍ଠିତ ୧୩ତମ ସିନିୟର ନ୍ୟାସନାଲ୍ ରଗବୀ ସେଭେନ୍ସ ଚାମ୍ପିୟନଶିପର ଫାଇନାଲରେ ମହାରାଷ୍ଟ୍ର ବିପକ୍ଷରେ ୧୭-୧୨ର ଏକ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରି ହରିୟାଣା ପୁରୁଷ ବର୍ଗରେ ଚାମ୍ପିୟନ ହୋଇଛି । ହରିୟାଣା ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକରେ ଧୈର୍ଯ୍ୟ ବଜାୟ ରଖି ମହାରାଷ୍ଟ୍ରକୁ ପରାସ୍ତ କରିଛି ଏବଂ ଗତ ବର୍ଷ ରନର୍ସ-ଅପ୍ ହେବା ପରେ ଏଥର ଜାତୀୟ ଟାଇଟଲ୍ ଫେରି ପାଇଛି । ଏହା ପୂର୍ବରୁ, ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ପ୍ଲେ-ଅଫ୍ ମ୍ୟାଚରେ ପଶ୍ଚିମବଙ୍ଗ ରାଜସ୍ଥାନକୁ ୨୬-୫ ରେ ପରାସ୍ତ କରି କାଂସ୍ୟ ପଦକ ହାସଲ କରିଛି ଏବଂ ପୁଣିଥରେ ପୋଡିୟମରେ ସ୍ଥାନ ପାଇବାରେ ସଫଳ ହୋଇଛି । ସେମିଫାଇନାଲରେ ମହାରାଷ୍ଟ୍ର ପୂର୍ବ ବର୍ଷର ଚାମ୍ପିୟନ ପଶ୍ଚିମବଙ୍ଗକୁ ୩୬-୫ ରେ ପରାସ୍ତ କରି ତା'ର ଟାଇଟଲ୍ ରକ୍ଷା ଅଭିଯାନକୁ ସମାପ୍ତ କରିଥିଲା, ଅନ୍ୟପଟେ ହରିୟାଣା ରାଜସ୍ଥାନକୁ ୩୮-୦ ରେ ପରାସ୍ତ କରିଥିଲା । ଏହାଦ୍ୱାରା ଚଳିତ ପ୍ରତିଯୋଗିତାର ଦୁଇଟି ଶକ୍ତିଶାଳୀ ଦଳ ମଧ୍ୟରେ ୨୦୨୧ ଫାଇନାଲର ପୁନରାବୃତ୍ତି ଦେଖିବାକୁ ମିଳିଥିଲା । ଫାଇନାଲ ମ୍ୟାଚଟି ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ରହିଥିଲା । ନୀରଜ ଖତ୍ରୀଙ୍କ ମାଧ୍ୟମରେ ହରିୟାଣା ଆରମ୍ଭରୁ ଅଗ୍ରଣୀ ହାସଲ କରିଥିଲା । ମହାରାଷ୍ଟ୍ର ପକ୍ଷରୁ ସୁନୀଲ ଚୌହ୍ୱାନ ଏହାର ଜବାବ ଦେଇଥିଲେ ମଧ୍ୟ ମୋହିତ ଖତ୍ରୀ ଖୁବ୍ ଶୀଘ୍ର ହରିୟାଣାକୁ ପୁଣିଥରେ ଅଗ୍ରଣୀ କରାଇଥିଲେ । ବ୍ୟକ୍ତିଗତ ଭାବରେ, ରାଜସ୍ଥାନର ରାଜନ ରାୱତ ଚଳିତ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ସ୍କୋରର ଭାବେ ଉଭା ହୋଇଛନ୍ତି । ସେ ମୋଟ ୭୬ ପଏଣ୍ଟ (୮ଟି ଟ୍ରାଇ ଏବଂ ୧୮ଟି କନଭର୍ସନ) ହାସଲ କରି ଚମତ୍କାର ପ୍ରଦର୍ଶନ କରିଛନ୍ତି । ରଗବୀ ଇଣ୍ଡିଆର ସଭାପତି ରାହୁଲ ବୋଷ କହିଛନ୍ତି, 'ସିନିୟର ନ୍ୟାସନାଲ୍ ରଗବୀ ୭ଏସ୍ ଚାମ୍ପିୟନଶିପ୍ ୨୦୨୬ ଏହା ସ୍ପଷ୍ଟ କରିଛି ଯେ ଦେଶରେ ଏହି ଖେଳ କିଭଳି ଅଗ୍ରଗତି କରିଛି । ଖେଳାଳିମାନେ ଏବେ ପୂର୍ବ ଅପେକ୍ଷା ଅଧିକ ଦ୍ରୁତ, ଶକ୍ତିଶାଳୀ ଏବଂ ଫିଟ୍ । ସେମାନଙ୍କର କୌଶଳ ବୃଦ୍ଧି ପାଇଛି, ପ୍ରତିରକ୍ଷା ଅଧିକ ବୈଷୟିକ ତଥା ନିର୍ଭୟ ହୋଇଛି ଏବଂ ପ୍ରାୟ ସମସ୍ତ ଦଳ ଏକ ନିର୍ଦ୍ଧାରିତ ସଂରଚନା ବା ଢାଞ୍ଚାରେ ଖେଳିବାର ଗୁରୁତ୍ୱକୁ ବୁଝିପାରିଛନ୍ତି ।' ସିନିୟର ନ୍ୟାସନାଲ୍ ରଗବୀ ସେଭେନ୍ସ ଚାମ୍ପିୟନଶିପ୍ ହେଉଛି ଏକ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ଯାହା ଭାରତର ଶ୍ରେଷ୍ଠ ରଗବୀ ପ୍ରତିଭାମାନଙ୍କୁ ପ୍ରଦର୍ଶିତ କରିଥାଏ । ଚଳିତ ବର୍ଷର ପ୍ରତିଯୋଗିତା ଖେଳାଳିଙ୍କ ବଢୁଥିବା ଦକ୍ଷତା ଏବଂ ଶାରୀରିକ ସାମର୍ଥ୍ୟକୁ ଦର୍ଶାଇଛି, ଯାହା ଦେଶରେ ଏହି ଖେଳର ବଢୁଥିବା ଲୋକପ୍ରିୟତାକୁ ପ୍ରତିଫଳିତ କରୁଛି । ହରିୟାଣାର ଏହି ବିଜୟ ଦଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଏବଂ ଏହି ଖେଳ ପ୍ରତି ସେମାନଙ୍କର ନିଷ୍ଠାକୁ ପ୍ରମାଣିତ କରୁଛି ।




Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ